MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

RNI No.ODIODI/2010/33031
୧୦ମ ବର୍ଷ Volume-10
ସଂଖ୍ୟା- ୮୮ Issue- 88
ଭୁବନେଶ୍ୱର, ମଙ୍ଗଳବାର ୧୧ ଜୁନ୍ ୨୦୧୯
Bhubaneswar, Tuesday 11 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com



# ସନ୍ନ୍ୟାସ ନେଲେ ଯୁବରାଜ

ନୂଆଦିଲ୍ଲୀ, ୧୦।୬ (ନି.ପ୍ର.): ଟିମ୍ ଇଣ୍ଡିଆର ବିସ୍ଫୋରକ ଅଲରାଉଣ୍ଡର ଯୁବରାଜ ସିଂହ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସାଉଥ୍ ମୁମ୍ବାଇ ହୋଟେଲରେ ଆୟୋଜିତ ପ୍ରେସ୍ କନ୍‌ଫରେନ୍ସରେ ଯୁବରାଜ ଏହା ଘୋଷଣା କରିଛନ୍ତି। ୨୦୦୦ ମସିହାରେ ସୌରାଭ ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ଯୁବରାଜ। ଟିମ୍ ଇଣ୍ଡିଆକୁ ଦୁଇ ଥର ବିଶ୍ୱକପ୍ ଚାମ୍ପିଅନ୍ କରିବାରେ ଯୁବରାଜ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲେ। ଟିମ୍ ଇଣ୍ଡିଆ ପାଇଁ ଯୁବରାଜ ତାଙ୍କ ଶେଷ ମୁକାବିଲା ୨୦୧୭ ମସିହା ଜୁନ୍ ୩୦ ତାରିଖରେ ଖେଳିଥିଲେ।

ଉଭୟ ଦିନିକିଆ ଏବଂ ଟି-୨୦ରେ ସଫଳତା ହାସଲ କରିଥିବା ବେଳେ ଭାରତକୁ ୨୦୧୧ ବିଶ୍ୱକପ୍ ଚାମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ଭାରତ ପାଇଁ ଯୁବରାଜ ସିଂହ ୩୦୪ଟି ଦିନିକିଆ ଖେଳି ୧୪ଟି ଶତକ ଓ ୫୨ଟି ଅର୍ଦ୍ଧଶତକ ସହାୟତାରେ ମୋଟ ୮୭୦୧ ରନ୍ କରିଛନ୍ତି। ଦିନିକିଆ କ୍ରିକେଟ୍‌ରେ ୧୫୦ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ଉଭୟ ଦିନିକିଆ ଓ ଟି-୨୦ କ୍ରିକେଟ୍ ଅଲରାଉଣ୍ଡର ଭାବେ ବେଶ ସଫଳତା ହାସଲ କରିଥିଲେ ଯୁବରାଜ। ଖେଳିଥିବା ୩୦୪ଟି ଦିନିକିଆ ମ୍ୟାଚ୍‌ରେ ୧୧୧ଟି ୱିକେଟ୍ ମଧ୍ୟ ହାସଲ କରିଥିଲେ ସେ। ଏହା ସହିତ ୫୮ଟି ଟି-୨୦ ମୁକାବିଲା ଖେଳିଥିବା ଯୁବରାଜ ୮ଟି ଅର୍ଦ୍ଧଶତକ ସହିତ ୧୧୭୭ ରନ୍ କରିବା ସହିତ ୨୮ଟି ୱିକେଟ୍ ମଧ୍ୟ ହାସଲ କରିଛନ୍ତି।। ଟେଷ୍ଟ କ୍ରିକେଟରେ ସେତେଟା ସଫଳ ହୋଇପାରିନଥିଲେ ସେ। ସେ ୪୪ଟି ଟେଷ୍ଟ ମ୍ୟାଚ୍ ଖେଳି ୩ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ୨୫ରୁ ବିଧାନସଭା ମୌସୁମୀ ଅଧିବେଶନ
# ୨୮ରେ ବଜେଟ୍



ଭୁବନେଶ୍ୱର, ୧୦।୬ (ନି.ପ୍ର.): ନବଗଠିତ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଅଧିବେଶନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୧୨ରୁ ଆରମ୍ଭ ହୋଇ ଅଗଷ୍ଟ ୮ରେ ଶେଷ ହେବ। ଅଧିବେଶନର ପ୍ରଥମ ଦିନ ପ୍ରଚଳିତ ପରମ୍ପରା ମୁତାବକ ରାଜ୍ୟପାଳ ତାଙ୍କର ଅଭିଭାଷଣ ପ୍ରଦାନ କରିବେ। ସେହିଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୨୬ ତାରିଖ ଦିନ ଉପବାଚସ୍ପତି ନିର୍ବାନ ଲାଗି ସମୟ ସୂଚୀ ଘୋଷଣା କରାଯିବା ସହ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଜାରି ରହିବ। ୨୭ ତାରିଖ ଦିନ ଉପବାଚସ୍ପତି ନିର୍ବାଚନ ସାଙ୍ଗକୁ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଶେଷ ହେବ। ୨୮ ତାରିଖ ଦିନ ଗୃହରେ ଚଳିତ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ। ଜୁଲାଇ ୩୧ ତାରିଖ ଦିନ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହେବ। ଏହି ଅଧିବେଶନ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ମୌସୁମୀ ଅଧିବେଶନରେ ୩୦ ଟି କାର୍ଯ୍ୟଦିବସ ରହିଛି।

## ଝାଡ଼ଖଣ୍ଡରେ ବସ୍-ଟ୍ରକ ଧକ୍କା : ୧୧ ମୃତ

ହଜାରିବାଗ, ୧୦।୬: ସୋମବାର ସକାଳେ ହଜାରିବାଗ ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥରେ ପାଟଣା ଅଭିମୁଖେ ଯାତ୍ରା କରୁଥିବା ଗୋଟାଏ ଡବଲ୍ ଡେକର୍ ବସ୍ ଟ୍ରେଲର୍ ଟ୍ରକ ସହ ଧକ୍କା ଖାଇବାରୁ ୧୧ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ୨୫ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ୨ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଦନୁଆ-ଭାନୁଆ ଅଂଚଳ ନିକଟରେ ବସ୍‌ଟି ଟ୍ରେଲର୍ ଟ୍ରକ ପଛରେ ଧକ୍କା ଖାଇଥିଲା। ଚାଳକ ଘଂଟାପ୍ରତି ୧୨୦ କିଲୋମିଟର ବେଗରେ ଗାଡି ଚଳାଉଥିବା ବେଳେ ଜଣାପଡିଲା ବସ୍‌ଟିର ବ୍ରେକ୍ କାମ କରୁ ନାହିଁ। ଫଳରେ ବସ୍‌ଟି ନିୟନ୍ତ୍ରଣ ବାହାରକୁ ଯାଇ ଟ୍ରକ ଦେହରେ ଧକ୍କା ଖାଇଥିଲା।

## ବିଧାୟକ ପ୍ରକାଶ ସୋରେନ୍‌ଙ୍କ ଶପଥ ଗ୍ରହଣ



ଭୁବନେଶ୍ୱର, ୧୦।୬ (ନି.ପ୍ର.): ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ଟିକେଟ୍‌ରେ ବିଜୟୀ ହୋଇଥିବା ପ୍ରକାଶ ସୋରେନ୍ ସୋମବାର ପୂର୍ବାହ୍ନରେ ବିଧାନସଭା ବାଚସ୍ପତିଙ୍କ ପ୍ରକୋଷ୍ଠରେ ବିଧାୟକ ଭାବ ଶପଥ ଗ୍ରହଣ କରିଛନ୍ତି। ଇଂରାଜୀରେ ସେ ଶପଥ ନେଇଥିଲେ। ଜୁନ୍ ୧ ତାରିଖରେ ମାଲକାନଗିରି ବିଜେପି ବିଧାୟକ ଆଦିତ୍ୟ ମାଢ଼ି ଓ ୪ ତାରିଖରେ ବିଜେପି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଶପଥ ଗ୍ରହଣ କରିଥିଲେ।

## କଠୁଆ ଗଣବଳାତ୍କାର ଓ ହତ୍ୟା ମାମଲା: ୩ ଦୋଷୀଙ୍କୁ ଆଜୀବନ ଜେଲ୍



ପଠାନ୍‌କୋଟ, ୧୦।୬: ବହୁ ଚର୍ଚ୍ଚିତ କଠୁଆ ଗଣବଳାତ୍କାର ମାମଲାର ଶୁଣାଣି ସୋମବାର ଦିନ ହୋଇଛି। ଅଦାଲତ ବଳାତ୍କାର ଓ ହତ୍ୟା ଅଭିଯୋଗରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିବା ବେଳେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ୩ ଜଣଙ୍କୁ ୫ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଗାଁ ମୁଖିଆ ସାଞ୍ଜି ରାମ, ପରଭେସ୍ କୁମାର ଓ ପୋଲିସ୍ ଅଧିକାରୀ ଦୀପକ ଖଜୁରିଆଙ୍କୁ ଆଜୀବନ କାରାଦଣ୍ଡ ମିଳିଥିବା ବେଳେ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ସେହିପରି ତିଲକ ରାଜ, ଆନନ୍ଦ ଦତ୍ତ ଓ ସୁରେନ୍ଦ୍ର ବର୍ମାଙ୍କୁ ୫ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯିବା ସହ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା କରାଯାଇଛି। ସୂଚନାଯୋଗ୍ୟ କୋର୍ଟ ପୂର୍ବରୁ ଏହି ବଳାତ୍କାର ଓ ହତ୍ୟା ମାମଲାରେ ୭ ଜଣଙ୍କ ମଧ୍ୟରୁ ପଠାନକୋଟ କର୍ଣ୍ଣେ ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## ଡାହୁକ



ଡାଳେଡାଳେ ଯଦି ଆଇନି ଯାଉଚି
ପତ୍ର ଦୁର୍ନୀତିଆ ନାଁରେ
ଯେତେ ବଡ଼ବଡ଼ ଦୁର୍ନୀତି ରାଜ୍ୟରେ
କରୁଛନ୍ତି ବଡ଼ ସାରେ
ତୁଚ୍ଛାକୁ ତଦନ୍ତ ନାଁରେ
ମକାଙ୍କୁ ପୁଲିସି ଧରୁଛନ୍ତି ସିନା
ପକାଙ୍କୁ ଜୁହାର ଯୋରେ।
-ବିଧୁ

## ରାହୁଲ-ସିଦ୍ଧୁ ସାକ୍ଷାତାଲୋଚନା | ପଞ୍ଜାବର ସ୍ଥିତି ସଂପର୍କରେ ଆଲୋଚନା



ଅମ୍ରିତସର, ୧୦।୬: କଂଗ୍ରେସ ନେତା ନବଜୋତ୍ ସିଂହ ସିଦ୍ଧୁ ସୋମବାର ଦିଲ୍ଲୀଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଅମ୍ରିନ୍ଦର ସିଂହ ମନ୍ତ୍ରିମଣ୍ଡଳ ଅବଳବଦଳ କରାଇ ତାଙ୍କୁ ଭିନ୍ନ ଏକ ବିଭାଗ ସମର୍ପିବା ପରେ ସେ ରାହୁଲଙ୍କୁ ଭେଟିଛନ୍ତି। ସିଦ୍ଧୁ ରାହୁଲଙ୍କୁ ଭେଟିବା ପରେ ଟ୍ୱିଟ୍ କରି ଜଣାଇଛନ୍ତି ଯେ 'କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିଲି। ତାଙ୍କ ହାତରେ ମୋ ପତ୍ର ଦେଲି। ତାଙ୍କୁ ରାଜ୍ୟର ପରିସ୍ଥିତି ବିଷୟରେ ଅବଗତ କରାଇଲି।' କ୍ରିକେଟ୍‌ର ଟର୍ଣ୍ଣାଡ ରାଜନେତା ସିଦ୍ଧୁ ଟ୍ୱିଟର୍‌ରେ ଏକ ଫଟୋ ବି ପୋଷ୍ଟ କରିଛନ୍ତି। ଫଟୋରେ ତାଙ୍କ ସହ ଦେଖିବାକୁ ମିଳିଛନ୍ତି ରାହୁଲ ଗାନ୍ଧୀ, କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ।' ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଗତ ୨୦୧୭ ମସିହା ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଛାଡି କଂଗ୍ରେସରେ ମିଶିଥିବା ସିଦ୍ଧୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ସିଂହ ଅସନ୍ତୋଷ ଥିବା କଥା ଗତ ମାସ ଜଣାପଡିଥିଲା। ସେ ଗତ ମାସ ଖୋଲାଖୋଲି ଭାବେ କହିଥିଲେ ଯେ ସିଦ୍ଧୁଙ୍କ ନପାରିବା ପଣ ସହରାଂଚଳ ଭୋଟକୁ ଦଳଠାରୁ ଦୂରେଇ ନେଲା। ବିକାଶ ମୂଳକ କାର୍ଯ୍ୟରେ ସିଦ୍ଧୁଙ୍କ ବିଫଳତା ହିଁ ଦଳକୁ ବିଶେଷ ପ୍ରଭାବିତ କରିଛି।

# ପରଲୋକରେ ଗିରିଶ କର୍ଣ୍ଣାଡ

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ



ବେଙ୍ଗାଲୁର, ୧୦।୬: ପ୍ରଖ୍ୟାତ ଅଭିନେତା, ଲେଖକ ତଥା ନାଟ୍ୟକାର ଗିରିଶ କର୍ଣ୍ଣାଡଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତି ତାଙ୍କ ମାଇକ୍ରୋବ୍ଲଗିଂ ସାଇଟ୍ ଟ୍ୱିଟ୍‌ରେ ଲେଖିଛନ୍ତି, 'ଲେଖକ, ଅଭିନେତା ଓ ନାଟ୍ୟକାର ଗିରିଶ କର୍ଣ୍ଣାଡଙ୍କ ପରଲୋକ ଖବର ଅତ୍ୟନ୍ତ ଦୁଃଖଦାୟକ। ଆମ ସଂସ୍କୃତିର ପୃଥିବୀ ଏବେ ଗରିବ ହୋଇଗଲା। ତାଙ୍କ ପରିବାରବର୍ଗ ଏବଂ ତାଙ୍କୁ ଭଲପାଉଥିବା ଲୋକଙ୍କ ପ୍ରତି ମୋର ସମବେଦନା।' କେବଳ ରାଷ୍ଟ୍ରପତି ନୁହଁନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି। ମୋଦି ଶୋକ ପ୍ରକାଶ କରି ଲେଖିଛନ୍ତି, 'ଗିରିଶ କର୍ଣ୍ଣାଡ ତାଙ୍କର ଚମତ୍କାରୀ ଅଭିନୟ ପାଇଁ ସଦା ମନେ ରହିବେ। ତାଙ୍କ କାମ ଆଗାମୀ ଦିନରେ ବି ଲୋକପ୍ରିୟ ହୋଇ ଚାଲିବ। ତାଙ୍କ ପରଲୋକ ମୋତେ ଦୁଃଖି କରାଇଛି। ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି। ସେହି ପରି ଆମ୍ ଆଦ୍‌ମର ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ମଧ୍ୟ ତାଙ୍କ ଟ୍ୱିଟ୍‌ର ଆକାଉଂଟରେ ଗିରିଶ କର୍ଣ୍ଣାଡଙ୍କ ପରଲୋକଙ୍କୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

# ଥମୁନି ପଶ୍ଚିମବଙ୍ଗ ହିଂସା

## ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ



ନୂଆଦିଲ୍ଲୀ, ୧୦।୬: ନିର୍ବାଚନ ପରେ ପଶ୍ଚିମବଙ୍ଗରେ ଉପୁଜିଥିବା ହିଂସାକୁ ନେଇ ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ ସୋମବାର ପ୍ରଧାନମନ୍ତ୍ରୀ ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି। ସେ କହିଛନ୍ତି କି ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ତାଙ୍କର ଏକ ସୌଜନ୍ୟତା। ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ରାଜ୍ୟପାଳ ତ୍ରିପାଠୀ ମୋଦିଙ୍କୁ ଭେଟି ନଥିବା ହେତୁ ଏହା ତାଙ୍କର ସୌଜନ୍ୟତାମୂଳକ ସାକ୍ଷତା ପଶ୍ଚିମବଙ୍ଗରେ ଉପୁଜୁଥିବା ସମସ୍ୟା ପାଇଁ ସେ ମୋଦିଙ୍କୁ ଭେଟିଥିଲେ ଏହା ବ୍ୟତୀତ ସେ ଆଉ କିଛି ବିଷୟରେ କହିପାରିବେ ନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ପଷ୍ଟ ମନା କରି ଦେଇଛନ୍ତି। ରାଜ୍ୟପାଳ ତ୍ରିପାଠୀଙ୍କ କାର୍ଯ୍ୟକାଳ ଜୁଲାଇ ୨୩ ତାରିଖରେ ଶେଷ ହେବ। ପଶ୍ଚିମବଙ୍ଗରେ ଉପୁଜିଥିବା ହିଂସା ହେତୁ ଗୃହ ମନ୍ତ୍ରାଳୟ ପକ୍ଷରୁ ଏକ ଆଡଭାଇଜରି ଜାରି ହେବା ପରେ ତ୍ରିପାଠୀ ମୋଦିଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିବା ନିଷ୍ପତି ନେଇଥିଲେ। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଉପୁଜିଥିବା ହିଂସା ହେତୁ ଗତ ୧୫ ଦିନ ମଧ୍ୟରେ ପ୍ରାୟ ୧୨ ଜଣଙ୍କ ଜୀବନ ଯାଇ ସାରିଲାଣି। ମୃତକଙ୍କ ମଧ୍ୟରେ ଉଭୟ ବିଜେପି ଓ ଟିଏମସି ସଦସ୍ୟ ଅଛନ୍ତି।



ଭୁବନେଶ୍ୱରସ୍ଥିତ ସତ୍ୟନଗରଠାରେ ଇଦ୍ ପାଳନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖଙ୍କ ଯୋଗଦାନ।



# ପାରାଦ୍ୱୀପ : ପାଣି ସମସ୍ୟାକୁ ନେଇ ଦୃଷ୍ଟି ଆକର୍ଷଣ କଲେ ଇଂ ପ୍ରମୋଦ



ପାରାଦ୍ୱୀପ, ୧୦।୬(ନି,ପ୍ର): ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଉନ୍ନତି ପାଇଁ ବିଜେଡ଼ି ପ୍ରତିଶୃତିବଦ୍ଧ- ମନ୍ତ୍ରୀ ରଘୁନନ୍ଦନ ଦାସ ପାରାଦୀପ, ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହେବା ସହ ପାରାଦ୍ୱୀପ ପୂର୍ବ ଭାରତର ଅର୍ଥନୈତିକ ମୁଖଶାଳା ପାଲଟି ଯାଇଛି। ରାଜ୍ୟବାସୀଙ୍କ ଉନ୍ନତି ପାଇଁ ବିଜୁ ଜନତା ଦଳ ପ୍ରତିଶୃତିବଦ୍ଧ। ରଘୁନନ୍ଦନ ହେଉଛନ୍ତି କୂଳ ନନ୍ଦନ- ସନ୍ତୋଷ ବିଜେଡ଼ି ତଥା ଦଳମୁଖ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ନେତୃତ୍ୱକୁ ରାଜ୍ୟବାସୀ ୫ଥର ପାଇଁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ଦୀର୍ଘ ୨୦ବର୍ଷ ଧରି ରାଜ୍ୟକୁ ଉତ୍ତମ ଶାସନ ଯୋଗାଇ ଆସୁଥିବା ବିଜେଡ଼ି ସରକାର ଚଳିତ ନିର୍ବାଚନରେ ପୁଣି ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି ରବିବାର ସନ୍ଧ୍ୟାରେ ଏଠାରେ ଅନୁଷ୍ଠିତ ଭବ୍ୟ ସମ୍ବର୍ଦ୍ଧନା ଓ ବିଜୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଳସମ୍ପଦ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ମନ୍ତ୍ରୀ ଶ୍ରୀ ଦାସ ପୁନଶ୍ଚ କହିଥିଲେ ପାରାଦୀପବାସୀ ହିଁ ସ୍ୱର୍ଗତ ବିଜୁ ବାବୁଙ୍କ ସ୍ମୃତିକୁ ସାଇତି ରଖିଛନ୍ତି। ଯେଉଁଥି ପାଇଁ ପାରାଦୀପରୁ ନବୀନ ବାବୁଙ୍କ ନେତୃତ୍ୱ ତଥା ବିଜେଡ଼ି ପ୍ରାର୍ଥୀଙ୍କୁ ପାରାଦୀପବାସୀ ଲଗାତର ୫ଥର ବିଜୟୀ କରି ସାରଲେଣି। ପାରାଦୀପ ଓ ତିର୍ତୋଲରେ ରହିଥିବା ଜଳ ନିଷ୍କାସନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଗତକାଲି ଜିଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଏ ନେଇ ଅନେକ ଆଲୋଚନା ହୋଇଛି। ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସେହିପରି ଜିଲାରେ ପାନୀୟ ଜଳର ସମସ୍ୟା ଓ ପ୍ରଦ୍ୟୁଷଣ ଉପରେ ପ୍ରମୋଦ ଜେନାଙ୍କ କଥାକୁ ଦୋହରାଇ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଏହା ଜିଲାବାସୀଙ୍କ ଦୀର୍ଘଦିନର ସମସ୍ୟା। ମେଗା ୱାଟର ପ୍ରକଳ୍ପ ଯୋଜନା ଜରିଆରେ ପ୍ରାଥମିକ ପର୍ଯ୍ୟାୟରେ ଜିଲାର ୧୩୬ଟି ଗ୍ରାମକୁ ଯୋଜନାଭୁକ୍ତ କରାଯାଇଛି। ଧୀରେ ଧୀରେ ସମଗ୍ର ଜିଲାରେ ଏହି ସମସ୍ୟାର ସମାଧାନ କରାଯିବା ଦିଗରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ରାଜ୍ୟର ଚାଷୀ ଓ ଚାଷ ଉପରେ ବିଜେଡ଼ି ସରକାରଙ୍କ ରହିଥିବା ବିଭିନ୍ନ ଯୋଜନାକୁ ସଫଳ କରାଯିବା ଉପରେ ମଧ୍ୟ ଉପଯୁକ୍ତ ଧ୍ୟାନ ଦିଆଯିବ। ସେହିପରି ପାରାଦୀପରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସ୍ଥାନୀୟ ଅଂଚଳର ବିସ୍ଥାପିତ ଓ ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ଚଳିତ ନିର୍ବାଚନରେ ଜିଲାର ସମସ୍ତ ୪ଗୋଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ଜିଲାବାସୀ ବିଜେଡ଼ି ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରିଥିବାରୁ ସମସ୍ତ ଜିଲାବାସୀଙ୍କୁ ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କୃତଜ୍ଞତା ଜଣାଇଥିଲେ। ପାରାଦୀପ ବିଜେଡ଼ି ପକ୍ଷରୁ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ପାରାଦୀପର ୮ ଗୋଟି ସଂଗଠନର ମୁଖିଆ ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ପାରାଦୀପରେ ଥିବା ଜଳସେଚନ ସମସ୍ୟାର ସମାଧାନ କରିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ମନ୍ତ୍ରୀ ରଘୁନନ୍ଦନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାରାଦୀପ ବିଜେଡ଼ି ଏକ ହୋଇ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହି ପରି ତାଙ୍କର ୮ ଗୋଟି ସଂଗଠନ ନବୀନ ବାବୁଙ୍କ ସହ ଯୈାଥ ହୋଇ ରହିଛନ୍ତି ଏବଂ ରହିବେ ବୋଲି ପ୍ରତିଶୃତି ଦେଇଥିଲେ। ନବୀନ ବାବୁଙ୍କ ସୁଶାସନ ଏବଂ ୫ମ ଇନିଙ୍ଗସ୍‌ରେ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖି ଥିବାରୁ ସନ୍ତୋଷ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଅଂଚଳର ସମସ୍ୟା ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତରରେ ନବ ନିର୍ବାଚତ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ କହିଥିଲେ ପାରାଦୀପବାସୀ ସମ୍ବର୍ଦ୍ଧନା ପାଇବାକୁ ହକଦାର। ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ଯେଉଁଭଳି ଭାବେ ବିପୁଳ ସଂଖ୍ୟାରେ ବିଜୟୀ ହେଲେ ସେଥିପାଇଁ ସମ୍ବିତ ପାରାଦୀପବାସୀ ଓ ମୁଖ୍ୟମନ୍ତ୍ରୀଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ସାଂସଦ ଡ଼ା. କୁଳମଣୀ ସାମଲ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ପାରାଦୀପର ଯୁବନେତା ଇଂ. ପ୍ରମୋଦ କିଶୋର ଜେନା, ଜିଲା ବିଜେଡ଼ି ସଭାପତି ଅମରେନ୍ଦ୍ର ଦାସ ପ୍ରମୁଖ ଏହି ଅବସରରେ ନବୀନଙ୍କ ନେତୃତ୍ୱକୁ ଜିଲା ତଥା ପାରାଦୀପବାସୀ ଅକୁଣ୍ଠ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଗୋଟିଏ ପଟେ ସାଂସଦ ରାଜଶ୍ରୀ ମଲ୍ଲିକଙ୍କ ଅନୁପସ୍ଥିତ, ଅନ୍ୟ ପଟେ ପାରାଦ୍ୱୀପ ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ ପୂର୍ବତନ ପୌରାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ ଓ ପୂର୍ବତନ ପାରାଦ୍ୱୀପ ନଗର କଂଗ୍ରେସ ସଭାପତି ତଥା କଟକ ନଗର କଂଗ୍ରେସ ପ୍ରଭାରୀ ରଂଜନ କୁମାର ଦାସ (ଟିକିଭାଇ) ଚଳିତ ନିର୍ବାଚନରେ କଂଗ୍ରେସକୁ ତ୍ୟାଗ କରି ବିଜେଡିରେ ଯୋଗ ଦେଇ ମଂଚାସୀନ ଥିଲେ ମଧ୍ୟ ତାଙ୍କ ନାମକୁ ଉଚାରଣ ନ କରିବା ଦ୍ୱାରା ସେ ଲଜ୍ୟାରେ ଫେରିଥିଲେ। ଏହି ସଭାରେ ଏ ପରି ଅବ୍ୟବସ୍ଥା ଥିଲା ପାଣି ବୁନ୍ଦେ ମିଳିବା କଷ୍ଟକର ଥିଲା।

# କମଳାକାନ୍ତ ଜେନାଙ୍କୁ ଉତ୍କଳ ସାହିତ୍ୟ ସମାଜର ବିଜ୍ଞାନ-ସମ୍ମାନ

ଭଦ୍ରକ, ୧୦।୬(ନି,ପ୍ର): ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା ବିଜ୍ଞାନ ଏକାଡେମୀ ପୁରସ୍କାରପ୍ରାପ୍ତ କମଳାକାନ୍ତ ଜେନାଙ୍କୁ ଉତ୍କଳ ସାହିତ୍ୟ ସମାଜ ତୁରନ୍ତରୁ ରାଜ୍ୟସ୍ତରୀୟ "ପ୍ରାଣକୃଷ୍ଣ ପରିଜା ବିଜ୍ଞାନ-ସାହିତ୍ୟ ସମ୍ମାନ"ରେ ସମ୍ବର୍ଦ୍ଧିତ କରାଯାଇଛି । ଉତ୍କଳ ସାହିତ୍ୟ ସମାଜ ହେଉଛି ଓଡିଶାର ପ୍ରାଚୀନତମ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ, ଯାହାକି ୧୯୦୩ ମସିହାରେ ସ୍ଥାପିତ ହୋଇଥିଲା । ମଧୁସୁଦନ ରାଓ ଥିଲେ ପ୍ରଥମ ସଭାପତି ଏବଂ ବାଗ୍ମି ବିଶ୍ୱନାଥ କର ଥିଲେ ପ୍ରଥମ ସଂପାଦକ । ଏକଦା ବ୍ୟାସକବି 'ଫକୀରମୋହନ ସେନାପତି ଉପ-ସଭାପତି ମଧ୍ୟ ରହିଥିଲେ ।ଗତ ୯ ତାରିଖ ସଂଧ୍ୟାରେ କଟକର ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜର ୧୧୭-ତମ ସମାବର୍ତ୍ତନ ସମାରୋହରେ ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନ ସାଧକ ଶ୍ରୀଯୁକ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଉଚ୍ଚକୋଟୀର ବିଜ୍ଞାନ-ଭାଷଣ, ପୁସ୍ତକ ରଚନା, ରେଡିଓ ଓ ଦୂରଦର୍ଶନରେ ବିଜ୍ଞାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାନକୁ ଜନପ୍ରିୟ କରିବା ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଉପ-ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ ଓ ସାଧାରଣ ସଂପାଦକ ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ସଂପାଦକୀୟ ବିବରଣୀ ପାଠ କରିଥିଲେ ।



# ଡକ୍ଟର ସଦାନନ୍ଦ ଦୀକ୍ଷିତଙ୍କୁ ରାଷ୍ଟ୍ରୀୟ ବିଦ୍ୱାନ ସମ୍ମାନ



ଭଦ୍ରକ, ୧୦।୬(ନି,ପ୍ର): ବିହାର ହିନ୍ଦି ସାହିତ୍ୟ ସମ୍ମେଳନ ପକ୍ଷରୁ ପାଟନା ଠାରେ ଗତକାଲି ଆୟୋଜିତ ଶତବାର୍ଷିକ ସମାରୋହ ଅବସରରେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ଦେଶର ୧୦୦ ଜଣ ବିଶିଷ୍ଟ ସାହିତ୍ୟକାରଙ୍କୁ ରାଷ୍ଟ୍ରୀୟ ବିଦ୍ୱାନ ସମ୍ମାନରେ ସମ୍ମାନିତ କରାଯାଇଛି। ସଂସ୍କୃତ ଭାଷା ଓ ସାହିତ୍ୟର ବିକାଶ ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଁ ସମ୍ମେଳନ ପକ୍ଷରୁ ମନୋନୀତ ଏକମାତ୍ର ସଂସ୍କୃତ ବିଦ୍ୱାନ ଡକ୍ଟର ସଦାନନ୍ଦ ଦୀକ୍ଷିତ ହରିୟାଣାର ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କ ଦ୍ୱାରା ଉପଢୌକନ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ମାନିତ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ବିଶାଳ ସମାରୋହ ରାଜ୍ୟପାଳ ଶ୍ରୀ ଆର୍ଯ୍ୟ ହିନ୍ଦି ଭାଷାକୁ ରାଜଭାଷା ଭାବେ ପ୍ରଚଳନ କରିବାରେ ଥିବା ବାଧକ ଉପରେ ଆଲୋଚନା କରିଥିବା ବେଳେ ଡ. ଦୀକ୍ଷିତ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ଭାରତୀୟ ଭାଷାର ଜନନୀ ସଂସ୍କୃତ ଭାଷାକୁ ଅନିବାର୍ଯ୍ୟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶିଷ୍ଟ ଶାସ୍ତ୍ର ବ୍ୟାଖ୍ୟାକାର ତଥା ପୂର୍ବତନ ପୁଲିସ ମହାଧୀକ୍ଷକ ଅରୁଣ କୁମାର ଉପାଧ୍ୟାୟ ମଧ୍ୟ ଓଡିଶାରୁ ଯୋଗ ଦେଇ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ରାଷ୍ଟ୍ରପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ ଭୁବନେଶ୍ୱର, ଜୁନ ୧୦ – କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାଷ୍ଟ୍ରପତି ଭବନରେ କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗାନ ସିଂହ କୁଲସ୍ତେଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ପୁନର୍ବାର ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## କେନ୍ଦ୍ରାପଡ଼ା ସାହିତ୍ୟ ଘରର ଆଲୋଚନାଚକ୍ର

# 'ରଜର ଅପହୃତ ସାମ୍ୟତାକୁ ଫେରାଇ ଆଣିବାକୁ ପ୍ରୟାସ ହେଉ'

କେନ୍ଦ୍ରାପଡା ୧୦/୬ (ନି.ପ୍ର) : ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ହେଉଛି ସାମ୍ୟତାର ପ୍ରତୀକ । ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି କରିବା ଲକ୍ଷ୍ୟ ହେଉଛି ରଜପର୍ବର ପ୍ରମୁଖ ବିଭବ। ବସ୍ତୁବାଦୀ ଦୁନିଆରେ କମ୍ପ୍ୟୁଟର, ଆଣ୍ଡ୍ରଏଡ୍ ମୋବାଇଲ୍ ଓ ପାଶ୍ଚାତ୍ୟ ସଂସ୍କୃତି ଆମର ମୂଳ ରଜ ପରମ୍ପରାକୁ ଅପଭ୍ରଂଶ କରୁଛି । ରଜର ଏହି ଅପହୃତ ସାମ୍ୟତାକୁ ଫେରାଇ ଆଣିବାକୁ ପ୍ରାୟସ ଆରମ୍ଭ ହେଉ ବୋଲି ବହୁ ବିଶିଷ୍ଟ ସାହିତ୍ୟିକ, କବି ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରାପଡ଼ା ସମ୍ବାଦ ସାହିତ୍ୟ ଘରର ମାସିକ ଆସରରେ ଓଡ଼ିଶା ସାହିତ୍ୟରେ ଗଣପର୍ବ ରଜ ପରମ୍ପରା ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ଗୀତିକାର ସୁବାସ ପାତ୍ର, ସାହିତ୍ୟ ଘରର କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ରାମକୃଷ୍ଣ ଦାସ, ରମଣିରଂଜନ ରାଉତରାୟ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇ ଆଦିମ ମଣିଷ ଦ୍ୱାରା ଅନୁସୃତ ମା ମାଟି ଓ ମଣିଷର ସମ୍ପର୍କର ଏହି ରଜ ପର୍ବ ଏବେ ଧ୍ୱଂସାଭିମୁଖୀ ହୋଇଛି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ଜଗତୀକରଣ ପ୍ରଭାବରୁ ମଧ୍ୟ ରଜପର୍ବ ମୁକ୍ତ ନୁହେଁ । ରଜ ସଂସ୍କୃତିର ପ୍ରଚାର ପ୍ରସାର ନାମରେ ଏବେ କେବଳ ଦେଖାଇ ହେବାର ମାହୋଲ ସୃଷ୍ଟି କରାଯାଉଛି । ଆନ୍ତରିକତା ଓ ନିଷ୍ଠା କମ୍ ରହୁଛି । ରଜର ବାଗୁଡ଼ି ପ୍ରତିଯୋଗିତା, କଦଳି ପାଟୁଙ୍ଗାର ଚପଲ, ପୋଡ଼ ପିଠା, ସରୁ ଅଳତା, ହଳଦୀ ଲଗା, ସେହ୍ନ ଆଦରର ଆସର, ତାସ୍, ଲୁଡୁ ପଟି ସବୁ କିଛିକୁ ଲୋକେ ନୂଆ ଢଙ୍ଗରେ ଗ୍ରହଣ କରୁଥିବାରୁ ପର୍ବର ମୌଳିକତା କ୍ଷୁଣ୍ଣ ହେଉଛି । ସମ୍ପର୍କ ଭଂଗ ହେଉଛି, ଆମେ ପରସ୍ପର ଠାରୁ ଦୂରେଇ ଯାଉଛେ । ଏଭଳି ପରିସ୍ଥିତିରେ ପ୍ରତି ପରିବାରରେ ଏହି ସଂସ୍କୃତିକୁ ବଂଚାଇ ରଖିବା ଉଦ୍ୟମ ହେବା ଆବଶ୍ୟକ ବୋଲି ଆଲୋଚକମାନେ ମତ ରଖିଛନ୍ତି । ସାହିତ୍ୟଘରର ସଭାନେତ୍ରୀ ଅବନ୍ତୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆସରରେ ସମ୍ପାଦକ ଆଦିକନ୍ଦ ରାଉଳ ବିବରଣୀ ପାଠ କରିଥିଲେ। ସଂଯୋଜକ ତଥା ସମ୍ବାଦ ଜିଲ୍ଲା ପ୍ରତିନିଧି ଭୈରବ ବ୍ରହ୍ମା ସାହିତ୍ୟ ଘରର ଆଭିମୁଖ୍ୟ ଓ ବାହୁଡ଼ା ଯାତ୍ରା ଅବସରରେ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । କବି ଅଶୋକ କୁମାର ସାହୁ ଓ ରଂଜନ ବାଇଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବଟକୃଷ୍ଣ ସାମଲ, ରାମକୃଷ୍ଣ ଦାସ,ଶରତ କୁମାର ରାଉତ, ଭାରତୀ ଲେଙ୍କା, ଶୈଳବାଳା ସାମଲ କବିତା ପାଠ କରିଥିଲେ । ଶେଷରେ ପଣ୍ଡିତ ପ୍ରତାପ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଧସୁଛି ଠୁକେଇ ନାଳ ୱିଂଙ୍ଗ୍ ୱାଲ୍

ଦଶପଲ୍ଲା,୧୦।୬ (ନି.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପଙ୍କୁଆ-କଳସାଖମଣ ରାସ୍ତାର ନୂଆଗାଁ ସ୍ଥିତ ଠୁକେଇ ନାଳ ସେତୁର ୱିଂଙ୍ଗ୍ ୱାଲ୍ ଧସିବା ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ଉଠିଛି ପ୍ରଶ୍ନବାଚୀ। ପ୍ରତିବର୍ଷ ବର୍ଷାରେ ବାରମ୍ବାର ରାସ୍ତାର ୱିଂଙ୍ଗ୍ ୱାଲ୍ ସହ ରାସ୍ତା ଭାଙ୍ଗି ନଷ୍ଟ ହେଉଛି। ଯାହାକୁ ନେଇ ନୂଆଗାଁ ଓ କଳସାଖମଣ ପଂଚାୟତର ଶତାଧିକ ଜନସାଧାରଣ ଗମନାଗମନ ନେଇ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଚାଲିଛନ୍ତି। ପ୍ରତିବର୍ଷ ନାମକୁ ମାତ୍ର କାମଚଳା ଭାବେ ଏହାର ମରାମତି କାର୍ଯ୍ୟ କରାଯାଇ ଲୋକ୍ଷାଧିକ ଟଙ୍କା ଖର୍ଚ୍ଚ ଚାଲିଥିବା ବେଳେ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ କିଛିଦିନ ତଳେ ସାମାନ୍ୟ ବର୍ଷାରେ ଏହି ୱିଂଙ୍ଗ୍ ୱାଲ୍ ଧସିବା ସହ ରାସ୍ତା ଧସିବାରେ ଲାଗିଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଏହାକୁ ତୁରନ୍ତ ମରାମତି କରିବା ପାଇଁ ଅଚଳବାସୀ ଦାବି କରିଛନ୍ତି। ଏହି ରାସ୍ତାଟି ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ବେଳେ ଏହା ଏବେ ପୂର୍ତ୍ତ ବିଭାଗ ଅଧିନରେ ରହିଛି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ପଙ୍କୁଆ-କଳସାଖମଣ ରାସ୍ତାର ୪୦ କିମି ରାସ୍ତା ପୂର୍ତ୍ତ ବିଭାଗ କୁ ଏବେ ହସ୍ତାନ୍ତର କରାଯାଇଛି। ମାତ୍ର ଏହି ସେତୁର ୱିଂଙ୍ଗ୍ ୱାଲ୍ ଦୁର୍ବଳ ଥିବା ବେଳେ ଏହା ଆମକୁ ହସ୍ତାନ୍ତର କରାଯାଇ ନାହିଁ। ଏହି ୱିଂଙ୍ଗ୍ ୱାଲ୍ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରାଯାଇଥିବା ସେ କହିଛନ୍ତି।

# ଭଦ୍ରକରେ ସେଫ୍ ରାଇଡ୍ ଓ ସେଫ୍ ଲାଇଫ୍ କାର୍ଯ୍ୟକ୍ରମ



ଭଦ୍ରକ, ୧୦।୬ (ନି.ପ୍ର) :ଭଦ୍ରକରେ ଅଷ୍ଟ୍ରିଆନ୍ ଲିଡିଙ୍ଗ୍ ବ୍ୟାଣ୍ଡ୍ ପକ୍ଷରୁ ନିର୍ମିତ ଅତ୍ୟାଧୁନିକ କେଟିଏମ ବାଇକ୍ କମ୍ପାନୀ ପକ୍ଷରୁ ସେଫ୍ ରାଇଡ୍ ଓ ସେଫ୍ ଲାଇଫ୍ ସଚେତନତା କାର୍ଯ୍ୟକ୍ରମ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅନୁଷ୍ଠିତ ହୋଇଯାଇଅଛି। ଭଦ୍ରକର ଆରଡିଛକସ୍ଥିତ ଶଙ୍କରଗୌରୀ ଅଟୋ ମୋବାଇଲ୍ସ ତଥା କେଟିଏମ ବାଇକ୍ କମ୍ପାନୀର ଅର୍ଥରାଇଜ୍ ଡିଲରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଡିପିଓ ଜଳନ୍ଧର ଜାଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ବଜାରକୁ ବହୁ ଉନ୍ନତଜ୍ଞାନ ଏବଂ ହାଇସ୍ପିଡ୍ ବାଇକ୍ ପ୍ରବେଶ କରୁଛି। ଶ୍ରୀ ଜାଲି ଯୁବକମାନେ ବାଇକ୍ ଚାଳନା ସମୟରେ ହେଲମେଣ୍ଟ ପିନ୍ଧିବା ସହ ଲିମିଟେଡ୍ ସ୍ପିଡ୍‌ରେ ବାଇକ୍ ଚଳାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଅପୂର୍ବରଂଜନ ବେହେରା ଯୋଗ ଦେଇଥିବାବେଳେ ଭଦ୍ରକ କେଟିଏମ ବାଇକ୍ କମ୍ପାନୀର ପ୍ରୋପାଇଟ୍‌ର ସ୍ପଂଦନ ମଲ୍ଲିକ୍‌ଙ୍କ ଅଧକ୍ଷତ୍ୱାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଭଦ୍ରକ ନୂଆବସ୍‌ଷ୍ଟାଣ୍ଡ ପରିସର କମ୍ପାନୀ ପକ୍ଷରୁ ବାଇକ୍ ଚାଳକମାନେ ବାଇକ୍‌ଚାଳନାର କଳକୌଶଳ ପ୍ରଦର୍ଶନ କରିଥିଲେ। ଏହି ବାଇକ୍ ଚାଳନାର ପ୍ରଦର୍ଶନୀକୁ ଦେଖିବାକୁ ବସ୍‌ଷ୍ଟାଣ୍ଡ ଅଞ୍ଚଳ ପ୍ରବଳ ଭୀଡ ସହ ଲୋକାରଣ୍ୟ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଗତବର୍ଷ ଆରଡ଼ି ଛକ ଠାରେ ଶଙ୍କରଗୌରି ଅଟୋମୋବାଇଲ୍ସ ପରିସରରେ କେଟିଏମ୍ ବାଇକ୍ କମ୍ପାନୀର ଶୁଭ ଉଦ୍‌ଘାଟନ ହୋଇଥିଲା।

# ପୋଲସରା ଏନ୍.ଏ.ସି.ରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

ପୋଲସରା,୧୦।୬ (ନି.ପ୍ର) : ଗଂଜାମ ଜିଲ୍ଲାର ପୋଲସରା ଏନ୍.ଏ.ସିରେ ବିପର୍ଯ୍ୟସ୍ତ ଭାବେ ଡ୍ରେନେଜ୍ ବ୍ୟବସ୍ଥା ରହିଛି। ୧୯ ଗୋଟି ୱାର୍ଡ ମଧ୍ୟରେ ଛୋଟରୁ ବଡ ବିଭିନ୍ନ ସାହିକୁ ନେଇ ଗଠିତ ଏହି ଏନ୍.ଏ.ସିରେ ପଞ୍ଜିକୃତ ଭୋଟରଏବଂ ଅଣ ପଞ୍ଜିକୃତ ଭୋଟରମାନଙ୍କ ସଂଖ୍ୟା ମିଶି ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ହେବ। ଏହି ଏନ୍.ଏ.ସି ଟି ରାଜ୍ୟର ୧୨୪ନଂ ପୋଲସରା ବିଧାନ ସଭା ନିର୍ବାଚନ ମଣ୍ଡଳିରେ ଅବସ୍ଥିତ ଥିବାରୁ ଏହାର ଗୁରୁତ୍ୱ ରାଜନୈତିକ କ୍ଷେତ୍ରରେ ଯଥେଷ୍ଟ ପ୍ରଭାବ ରହିଛି। ଯେହେତୁ ଏହି ନିର୍ବାଚନ ମଣ୍ଡଳୀରେ ରାଜ୍ୟ ଶାସକ ଦଳର ସମର୍ଥୀତ ପ୍ରାର୍ଥୀ ବର୍ତ୍ତମାନ ବିଧାୟକ ରୂପେ ଶ୍ରୀକାନ୍ତ ସାହୁ ଦ୍ୱିତୀୟ ଥର ବିଜୟୀ ହୋଇ ଲୋକ ପ୍ରତିନିଧି ରୂପେ ରହିଥିବା ଯୋଗୁଁ। ମାତ୍ର ଦେଖିବାକୁ ମିଳୁଛି ବିଧାୟକ ମହାଶୟ ଏହି ଏନ୍.ଏ.ସିର ପରିମଳ ଓ ପରିବେଶ ପ୍ରତି ଯେତିକି ଦୃଷ୍ଟିପାତ କରି ସହରର ସର୍ବାଙ୍ଗିନ ଉନ୍ନତି ସହ ବିକାଶ କରିବା ଦିଗରେ କାମ କରିବାକୁ ଚେଷ୍ଟା କରିବା କଥା ସେତିକି କରୁନଥିବାର ଦୃଷ୍ଟିଗୋଚର ଦେଖିବାକୁ ମିଳୁଛି। କାରଣ ସହରର ମୁଖ୍ୟ ସଡକ ଉଭୟ ପାର୍ଶ୍ୱରେ କୋଟି କୋଟି ଟଙ୍କା ବ୍ୟୟରେ ପ୍ରାୟ ଅଢେଇ କିଲୋମିଟର ବ୍ୟାପି ଡ୍ରେନେଜ୍ ନିର୍ମାଣ କରାଯାଇଛି ଆଜିର ଦିନରେ ଉକ୍ତ ଡ୍ରେନ୍‌ରେ ପଟୁମାଟି, ପ୍ଲାଷ୍ଟିକ୍ ସାମଗ୍ରୀ, ଘାସଲତା ଆଦି ଭର୍ତ୍ତି ହୋଇ ପୋତି ହୋଇପଡିଛି। ଯାହାର ପରିଣାମ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଣିପାଗ ଘୋଷଣା ପ୍ରକାରେ ଆଉ ମାତ୍ର ଏକ ସପ୍ତାହ ମଧ୍ୟରେ ମୌସୁମି ବାୟୁର ପ୍ରବେଶର ପ୍ରଭାବରେ ଯେଉଁ ବର୍ଷା ହେବ ତାହାର ପ୍ରଭାବରେ ସମଗ୍ର ସହରର ମଇଳା ଆବର୍ଜନା ପୋଚ ପାଣି ଉକ୍ତ ଡ୍ରେନ୍‌ରେ ପ୍ରବାହିତ ନହୋଇପାରି ମୁଖ୍ୟ ସଡକ ଉପରେ ଏକ ପ୍ରକାର କୃତ୍ରିମ ବନ୍ୟା ସୃଷ୍ଟି କରିବା ବିରଳ ଦୃଶ୍ୟ ପ୍ରତି ବର୍ଷ ବର୍ଷା ଋତୁରେ ଦେଖିବାକୁ ମିଳିଥାଉଛି ଯାହାକି ଠିକ୍ ନୁହେଁ। ଯେହେତୁ ଏହାର ପ୍ରଭାବରେ ସହରବାସୀଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେବା ସହିତ ଉକ୍ତ ପୋଚ ପୁତିଗନ୍ଧମୟ ପାଣି ବୋହି ନଯାଇ ଡ୍ରେନ୍ ମଧ୍ୟରେ ଜମା ରହିବା ଫଳରେ ମଶାଡାଉଁଶଙ୍କ ବଂଶ ବୃଦ୍ଧି ହେଉଥିବାରୁ ସଂକ୍ରମିତ ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାର ଜ୍ୱଳନ୍ତ ଏକ ଛୋଟିଆ ପ୍ରମାଣ ଚଳିତ ମାସର ପ୍ରଥମ ସପ୍ତାହ ଆଠ ତାରିଖ ଶନିବାର ଏନ୍.ଏ.ସିରେ କ୍ଷଣକ ପାଇଁ ହୋଇଥିବା କାଳବୈଶାଖୀର ପବନ ଓ ପାଣିର ପ୍ରଭାବରେ ୫ ନଂ ୱାର୍ଡ ବାଲିଘାଇ ଗ୍ରାମ ମଧ୍ୟରେ ୨ରୁ ୩ ଫୁଟ ଉଚ୍ଚ ପର୍ଯ୍ୟନ୍ତ ପାଣି ଜମା ହୋଇଯାଇ ମୁଖ୍ୟ କଂକ୍ରିଟ୍ ରାସ୍ତା ଉପରେ କୃତ୍ରିମ ବନ୍ୟା ସୃଷ୍ଟି କରିଥିଲା। କାରଣ ବିଭାଗର ଦାୟିତ୍ୱହୀନତା ଏବଂ ଅପାରଗ କର୍ମଚାରୀମାନଙ୍କ ଆଶିର୍ବାଦରୁ ୱାର୍ଡ ବାସିନ୍ଦାଙ୍କ କହିବା ପ୍ରକାରେ ପାଣି ନିଷ୍କାସିତ ହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୩ ଥର ମୁଖ୍ୟ କଂକ୍ରିଟ୍ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଏନ୍.ଏ.ସି ତରଫରୁ ନିର୍ମାଣ କରାଯାଇଛି। ମାତ୍ର ନିମ୍ନମାନର କାର୍ଯ୍ୟ ସହିତ ସଠିକ୍ ଭାବେ ଡ୍ରେନ୍ ନିର୍ମାଣ କରାଯାଉଥିବାରୁ ଜଳ ନିଷ୍କାସନ ନହୋଇପାରି ଆମ୍ଭ ଗ୍ରାମର ମୁଖ୍ୟ କଂକ୍ରିଟ୍ ରାସ୍ତାରେ ସ୍କୁଲ ହତା ମଧ୍ୟରେ ପାଣି ପଶି ଜମି ରହୁଅଛି। ଯାହା ଫଳରେ ଆମ୍ଭେ ୱାର୍ଡ ବାସିନ୍ଦା ବହୁତ ଅସୁବିଧାର ସମ୍ମୁଖିନ ହେଉଅଛୁ ବୋଲି କହିଛନ୍ତି। ତେବେ ଏହିଭଳି ବାରମ୍ବାର ଅସୁବିଧାକୁ ନେଇ ଋଷିକୁଲ୍ୟା ରୟତ ମହାସଭା ପୋଲସରା ବ୍ଲକ ସଭାପତି ସତ୍ୟବାନ ପ୍ରଧାନ ବିଭିନ୍ନ ଗଣମାଧ୍ୟମ ଜରିଆରେ ଶାସକ ଓ ପ୍ରଶାସକ ଉଭୟଙ୍କ ନିକଟରେ ତୁରନ୍ତ ସ୍ଥାୟୀ ସମାଧାନ କରିବା ପାଇଁ ସଠିକ୍ ଭାବେ ପୁନର୍ବାର ଡ୍ରେନ୍ ନିର୍ମାଣ କରିବାକୁ ଦାବୀ କରିଛନ୍ତି। ଏତଦ୍ ବ୍ୟତୀତ ଏନ୍.ଏ.ସିର ସର୍ବସାଧାରଣ, ବୁଦ୍ଧିଜିବୀମାନେ ମଧ୍ୟ ଏନ୍.ଏ.ସିର ଏଭଳି ଅବ୍ୟବସ୍ଥା ଜନିତ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ସହରର ମୁଖ୍ୟ ସଡକର ଉଭୟ ପାର୍ଶ୍ୱ ଡ୍ରେନେଜ୍ କୁ ସଫା କରିବା ସହିତ ସମସ୍ତ ସାହିର ଡ୍ରେନ୍ କୁ ସଫା କରି ବର୍ଷା ଜଳ ନିଷ୍କାସନ ସୁବ୍ୟବସ୍ଥା କରିବା ପାଇଁ ଗଣମାଧ୍ୟମ ଜରିଆରେ ବିଧାୟକ ଏବଂ ଏନ୍.ଏ.ସି କର୍ତ୍ତୃପକ୍ଷଙ୍କ ନିକଟରେ ମୌଖିକ ଭାବେ ଦାବୀ କରିଛନ୍ତି।

## ରୌଦ୍ରତାପ ସହିନପାରି ଚାଷୀଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୧୦।୬ (ନି.ପ୍ର) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତ ଅଣ୍ଡରା ଗ୍ରାମର ଭାସ୍କର ଚନ୍ଦ୍ର ମଲ୍ଲିକ ନାମ ଜନୈକ ଚାଷୀ ଆଜି ଦିବା ୧୨ ଘଟିକା ସମୟରେ ଜମିରେ ଟ୍ରାକ୍ଟର ସାହାଯ୍ୟରେ ହଳ କରି ଧାନ ବୁଣିବାକୁ ଯାଇଥିବାବେଳେ ପ୍ରଚଣ୍ଡ ରୌଦ୍ରତାପ ସହିନପାରି ବିଲରେ ବେହୋସ ହୋଇ ପଡିଥିଲେ । ତାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଭାସ୍କରଙ୍କ ମୃତ୍ୟୁରେ ଧୋୟାଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

## ଛାତ୍ରୀଙ୍କ କୃତିତ୍ୱ

ପୋଲସରା,୧୦।୬ (ନି.ପ୍ର) : ଗତ ୨୦୧୮-୧୯ ଶିକ୍ଷା ବର୍ଷରେ ଗଂଜାମ ଜିଲ୍ଲା ପୋଲସରା ବ୍ଲକ ସ୍ଥିତ ବର୍ତ୍ତନୀ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ଜ୍ୟୋତିର୍ମୟୀ ନାୟକ ବାର୍ଷିକ ପରୀକ୍ଷାରେ ସର୍ବମୋଟ ୬୦୦ ନମ୍ବର ମଧ୍ୟରୁ ୪୬୫ ନମ୍ବର (୭୭.୫%) ରଖି ସମଗ୍ର ପୋଲସରା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏପରି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଠିକ୍ ଏଭଳି ଭାବେ ପୋଲସରା ସ୍ଥିତ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ପୁଷ୍ପାଞ୍ଜଳି ନାୟକ ବିଜ୍ଞାନ ବିଭାଗରେ ୪୪୬ ନମ୍ବର (୭୪.୩୩%) ରଖି ବ୍ଲକ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଜଣ ପ୍ରତିଭାବାନ୍ ଛାତ୍ରୀ ପୋଲସରା ସ୍ଥିତ ଚାଣକ୍ୟ ଏକାଡେମୀର ଛାତ୍ରୀ ଅଟନ୍ତି। ଏହି ଦୁଇ ଜଣଙ୍କ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଲାଭ କରି ଏକାଡେମୀର ସୁନାମ ବଜାୟ ରଖିଥିବାରୁ ଏକାଡେମୀ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ଇ-ଡାକ୍ତରଖାନା ପରିଚାଳନା କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୬(ନି.ପ୍ର): ଦୁଇ ମାସ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇ-ଡାକ୍ତରଖାନା ପରିଚାଳନା ବ୍ୟବସ୍ଥା (ଇ-ଏଚ୍ଏମ୍ଏସ୍) କାର୍ଯ୍ୟକାରୀ ଲାଗି ଭିତ୍ତିଭୂମି ପ୍ରସ୍ତୁତ ସହିତ ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଓ ମାନବ ସମ୍ବଳ ସଂକ୍ରାନ୍ତରେ ଅବଗତ ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି । ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଇ-ଏଚ୍ଏମ୍ଏସ୍ ସଂକ୍ରାନ୍ତରେ ସମୀକ୍ଷା କରି ମନ୍ତ୍ରୀ ଏହି ନିର୍ଦ୍ଦେଶ ଦେବା ସହିତ ଆସନ୍ତା ୨ବର୍ଷ ମଧ୍ୟରେ ଯେଉଁଭଳି ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଏହା କାର୍ଯ୍ୟକାରୀ ହେବ ସେଥିଲାଗି ନିର୍ଦ୍ଦେଶ ଦେଇଛନ୍ତି ।

**ଶହେ ଦିନରେ ସରିବାକୁ ଥିବା ନିର୍ମାଣ କାର୍ଯ୍ୟର ତାଲିକା ମାଗିଲେ**

ରାଜ୍ୟର ଦୁଇଟି ପ୍ରମୁଖ ଡାକ୍ତରଖାନା କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭ ମେଡିକାଲ ଓ ହସ୍ପିଟାଲ ଏବଂ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ପାଇଲଟ୍ ପ୍ରକଳ୍ପ ଭାବେ ଇ-ଏଚ୍ଏମ୍ଏସ୍ କାର୍ଯ୍ୟକାରୀ ହେଉଛି । ଆସନ୍ତା ୬ମାସ ମଧ୍ୟରେ ଏହା ପୂର୍ଣ୍ଣକାଳୀନ ଭାବେ କାର୍ଯ କରିବ । ଏହି ବ୍ୟବସ୍ଥା ମାଧ୍ୟମରେ ରୋଗୀମାନେ ବିଶେଷ ଉପକୃତ ହେଉଛନ୍ତି । ପ୍ରଥମତଃ ଏହି ଯୋଜନାରେ ରୋଗୀମାନଙ୍କର ସମସ୍ତ ସୂଚନା ଇଲେକଟ୍ରୋନିକ ବ୍ୟବସ୍ଥାରେ ରହିବ । ଏଥିଯୋଗୁଁ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଡାକ୍ତରଖାନାକୁ ବାରମ୍ବାର ଦଉଡି ଟିକଟ କାଟିବେ ନାହିଁ । ସେହିଭଳି ସେମାନଙ୍କର ରୋଗର ସମ୍ପୂର୍ଣ୍ଣ ବିବରଣୀ କମ୍ପ୍ୟୁଟରରେ ରହିଥିବା ଯୋଗୁଁ ଚିକିତ୍ସକମନେ ସହଜରେ ସେମାନଙ୍କ



ରୋଗ ସଂକ୍ରାନ୍ତରେ ଅବଗତ ହୋଇ ଚିକିତ୍ସା କରିପାରିବେ । ସର୍ବୋପରି ରୋଗୀଟି ହାତରେ ଡାକ୍ତରଖାନା କାଗଜଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦଉଡିବ ନାହିଁ କି ତାହାର ସୂଚନାକୁ କେହି ଅପବ୍ୟବହାର କରିପାରିବେ ନାହିଁ । ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଇ-ଏଚ୍ଏମ୍ଏସ୍ ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବର୍ତ୍ତମାନ ଏହି ଯୋଜନାର ପାଇଲଟ ପ୍ରକଳ୍ପକୁ ସିଡାକ୍ କାର୍ଯ୍ୟକାରୀ କରୁଥିବାବେଳେ ୩୨ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା କିଭଳି କାର୍ଯ୍ୟକାରୀ ହେବ ସେଥିପାଇଁ ସମ୍ପୃକ୍ତ ଡାକ୍ତରଖାନା ଗସ୍ତକରି କ୍ଷେତ୍ର ପ୍ରସ୍ତୁତ ଲାଗି ଏହି ସଂସ୍ଥାକୁ କୁହାଯାଇଛି ।

ସେହିଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମି ସଂକ୍ରାନ୍ତରେ ମଧ ଆଜି ମନ୍ତ୍ରୀ ଶ୍ରୀ ଦାସ ସମୀକ୍ଷା କରିଥିଲେ । ସୂଚନା ଅନୁଯାୟୀ ଏନଏଚ୍ଏମ୍ ପିଆଇପିରେ ୨୦୧୮-୧୯ ରେ ୪୦୩ ଟି ପ୍ରକଳ୍ପ ପାଇଁ ୧୪୪କୋଟି ୬ଲକ୍ଷ ୧୬ହଜାର ଟଙ୍କା ଅନୁମୋଦିତ ହୋଇଥିବାବେଳେ ୧୨୧ କୋଟି ୭୦ଲକ୍ଷ ୧୬ହଜାର ଟଙ୍କା ମୁର ହୋଇଛି । ସେହିଭଳି ରାଜ୍ୟ ଯୋଜନାରେ ୨୦୧୮-୧୯ ରେ ୪୩୩୭ଟି ପ୍ରକଳ୍ପ ଲାଗି ୬୨୫ କୋଟି ଓ ୨୦୧୯-୨୦ ରେ ୮୯୭୨ ପ୍ରକଳ୍ପ ଲାଗି ୫୭୨ କୋଟି ଟଙ୍କା ଅନୁମୋଦିତ ହୋଇଛି । ଏହି ଦୁଇ ଆର୍ଥିକ ବର୍ଷରେ ଏହିସବୁ ପ୍ରକଳ୍ପ ଲାଗି ୬୯୭ କୋଟି ୫୫ଲକ୍ଷ ଟଙ୍କା ମୁର ହୋଇଛି । ସେହିଭଳି ଓଡିଶା ଖଣିଜ ଅଞ୍ଚଳ ବିକାଶ ନିଗମ ୨୦୧୯-୨୦ ବର୍ଷରେ ୪୩୩ ଟି ପ୍ରକଳ୍ପ ଲାଗି ୬୩୦କୋଟି ୨୧ ଲକ୍ଷ ୮୬ହଜାର ଟଙ୍କା ଅନୁମୋଦନ କରିଥିବାବେଳେ ଏଥିରୁ ୯୪କୋଟି ୫୩ଲକ୍ଷ ୨୮ହଜାର ଟଙ୍କା ମୁର ହୋଇଛି ।

ତେବେ ଅର୍ଥ ମୁର ହୋଇଥିବା ପ୍ରକଳ୍ପର କାର୍ଯ୍ୟ ଯେଉଁଭଳି ତ୍ୱରାନ୍ୱିତ ଭାବେ ଧାର୍ଯ୍ୟ ସମୟ ମଧ୍ୟରେ ସରିବ ତାହା ଉପରେ ମନ୍ତ୍ରୀ ଦାସ ଗୁରୁତ୍ୱ ଆରୋପ କରିବା ସହିତ ଆସନ୍ତା ୧୦୦ ଦିନ ମଧ୍ୟରେ କେଉଁସବୁ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବ ତାହାର ତାଲିକା ଦେବାକୁ କହିଛନ୍ତି । ଅର୍ଥ ମୁର ପରେ ଯେଉଁସବୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ ତାହା ତୁରନ୍ତ ଆରମ୍ଭ ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ଦାସ କଡା ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ସମୀକ୍ଷା ବୈଠକରେ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ, ବିଭାଗର ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ, ଏସ୍‌ସିବିର ଡିନ୍ ତଥା ପ୍ରିନ୍ସପାଲଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଟ୍ୟୁସନରୁ ଆସୁଥିବା ଛାତ୍ରୀଙ୍କ ଉପରେ ରୋମିଓମାନଙ୍କ ନଜର

ତିହିଡି, ୧୦।୬(ନି.ପ୍ର): ବିଭିନ୍ନ ସ୍ଥାନରେ ଟ୍ୟୁସନ କେନ୍ଦ୍ର ସବୁ ଖୋଲାଯାଇଛି । ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସର ସୂଚନା । ତେବେ ଏହିସବୁ ଟ୍ୟୁସନକୁ ଆସୁଥିବା ଛାତ୍ରୀମାନଙ୍କୁ ରୋମିଓମାନେ ଟାର୍ଗେଟ କରୁଥିବା ନେଇ ଅଭିଯୋଗ ହେଉଛି । ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ଠାରୁ ଆରମ୍ଭ କରି ହଇରାଣ ହରକତ କରିବା ପର୍ଯ୍ୟନ୍ତ ବିଭିନ୍ନ ଘଟଣାରେ ଏହି ରୋମିଓମାନେ ସଂଶ୍ଳିଷ୍ଟ ରହୁଛି । ନିକଟରେ ଅନୁରୂପ ଏକ ଘଟଣାରେ ଜଣେ ଛାତ୍ରୀଙ୍କୁ 'ପ୍ରପୋଜ' କରିବା ସହ ମାଡ଼ ମାରିବା ଘଟଣାରେ ତିହିଡ଼ି ଅଞ୍ଚଳର ଜଣେ ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଭିନ୍ନ ନିରୋଳା ଛକରେ ଏହି ଯୁବକମାନେ ଛିଡ଼ା ହେଉଛନ୍ତି ଓ ସମୟ ସୁବିଧା ଦେଖି ଝିଅମାନଙ୍କୁ ହଇରାଣ ହରକତ କରୁଛନ୍ତି । ଝିଅମାନେ ଯାଉଥିବା ବେଳେ ଏହି ଯୁବକମାନେ ବାଇକରେ ବିଭିନ୍ନ 'ଷ୍ଟଣ୍ଟ' ଦେଖାଇବା, ଦ୍ରୁତଗତିରେ ବାଇକ ଚଲାଇବାର ଦେଖାଯାଉଛି । ସେହିପରି କୌଶଳରେ ଝିଅମାନଙ୍କର ଫଟୋ ଓ ଭିଡିଓ ମଧ୍ୟ ସେମାନେ ମୋବାଇଲରେ ଉଠାଇନେଉଛନ୍ତି । କିଛିକିଛି ରୋମିଓ ମିଳିତ ହୋଇ ରାତିଦିନ ଏହି କାର୍ଯ୍ୟରେ ଲାଗିରହୁଛନ୍ତି । ତିହିଡ଼ି କାଳିପଡ଼ିଆ, ଧାମରା ଟ୍ରେନ ଲାଇନ, କଲେଜ ଛକ, ନିରୋଳା ରାସ୍ତା ଆଦିରେ ଏହି 'ରୋମିଓ'ମାନଙ୍କୁ ଦଳବଦ୍ଧ ଦେଖିବାକୁ ମିଳୁଛି । 'ଏହି ସବୁ ଜାଗାଗୁଡ଼ିକରେ ତିହିଡ଼ି ପୁଲିସ ସାଧାଡ୍ରେସରେ ପଇଁତରା ମାରିଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା' ବୋଲି ତିହିଡ଼ିର ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ନିଶାଦ୍ରବ୍ୟ ସେବନରେ ମଧ୍ୟ କିଛି ଯୁବକ ନିଜକୁ ବୁଡ଼ାଇରଖୁଛନ୍ତି । ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ତିହିଡ଼ି ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା । 'ଅନୁରୂପ ଏକ ଘଟଣାରେ ଜଣେ ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ତିହିଡ଼ି ପୁଲିସର ମୋବାଇଲ ପେଟ୍ରୋଲିଂ ଟିମ ରୋମିଓମାନଙ୍କୁ ଠାବ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି' ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି ।

# ବାଣରେ କମ୍ପିଲା ରାମେଶ୍ୱର ଦେବଙ୍କ ପୀଠ



ପିପିଲି, ୧୦।୬(ନି.ପ୍ର): ସଂସ୍କୃତି ଓ ପରମ୍ପରା ର ବାଣମରା ପର୍ବ ପ୍ରତିବର୍ଷ ପରି ବାଗେଶ୍ୱରପୁର ଗ୍ରାମରେ ଥିବା ପ୍ରଭୁ ରାମେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଛି ।ପବିତ୍ର ଶୀତଳଷଷ୍ଠି ଅବସରରେ ନିତି ନିୟମରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ କରାଯାଇଥିଲା ।ଏହାପରେ ଠାକୁର ଦୋଳ ବିମାନରେ ଗ୍ରାମ ପରିକ୍ରମା କରିଥାନ୍ତି ।ଠାକୁରଙ୍କ ଚତୁର୍ଥୀ ଅବସରରେ ବାଗେଶ୍ୱରପୁର ଓ ଜମ୍ପିଲା ଗ୍ରାମବାସୀ ମଧ୍ୟରେ ବାଣ ପ୍ରତିଯୋଗିତା ହୁଏ ।ଏହି କାଠ ଚକ୍ରବାଣ ପ୍ରତିଯୋଗିତା ବାପା ଜେଜେ ବାପା ଅମଳରୁ ଦେଖିବାକୁ ଆଖପାଖରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି । କାଠ ଚକ୍ରବାଣ ପରମ୍ପରାନୁଯାଇ ପିଢି ପରେ ପିଢି ଗ୍ରାମରେ ଏହାକୁ ତିଆରି କରି ପ୍ରଭୁ ରାମେଶ୍ୱର ଦେବପୀଠକୁ ବାଣ ପ୍ରତିଯୋଗିତା କୁ ଆଣିଥାନ୍ତି । ଉଭୟ ଗ୍ରାମର ବାଣକୁ ଗୋଟେ ପରେ ଗୋଟେ ପ୍ରତିଯୋଗିତାରେ କାଠଚକ୍ର ବାଣକୁ ମରାଯାଇଥାଏ । ବହୁ ସର୍ତକତାର ସହିତ ଗ୍ରାମର ମୁରବୀ ଓ ଯୁବକ ସଂଘ ଅନୁଷ୍ଠାନ ପକ୍ଷରୁ ଶାନ୍ତି ଶୃଖଳାର ସହିତ ବାଣମରା ପରମ୍ପରା କାର୍ଯ୍ୟକୁ ସମ୍ପନ୍ନ କରିଥାନ୍ତି ।ଏହି ବାଣଯାତ୍ରା କୁ ରାଜକିଶୋର ମହାପାତ୍ର ପୁର୍ଣ୍ଣଚନ୍ଦ୍ର ମହାପାତ୍ର ଗଙ୍ଗାଧର ଷଡଙ୍ଗି କପିଳ ମହାପାତ୍ର ଅଭିମନ୍ୟୁ ମହାପାତ୍ର ସନ୍ତୋଷ କୁମାର ମିଶ୍ର ରମେଶ ଚନ୍ଦ୍ର ମିଶ୍ର ବାଲୁଙ୍କୁଶ୍ୱର ମିଶ୍ର ଶରତ କୁମାର ମିଶ୍ର ପ୍ରମୁଖ ଉଭୟ ଗ୍ରାମର ଗ୍ରାମବାସି ମାନେ ସହଯୋଗ କରିଥିଲେ ।

# ଔରେଣ୍ଟରେ ଜଣେ ଗିରଫ

ଡେଲାଙ୍ଗ, ୧୦।୬(ନି.ପ୍ର): ଥାନା ଅଧିନସ୍ଥ ହରିରାଜପୁର ଫାଣ୍ଡି ଅଂଚଳ ପଥରଡିହ ଗ୍ରାମର କୁନା ଦାସ ବହୁ ଅପରାଧିକ ମାମଲାରେ ଜଡିତ ରହି ସଦାବେଳେ ପୁଲିସ ଆଖିରେ ଧୁଳିଦେଇ ଖସି ଯାଉଥିଲା । ପିପିଲି ଏସଡିପିଓ ଦେବଦତ୍ତ ବରାଳ ଓ ଡେଲାଙ୍ଗ ଥାନା ଅଧିକାରୀ ରଶ୍ମି ରଂଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରକାଶ ମଲିକ କୁନା ଦାସକୁ ତା ନିଜଘର ପଥରଡିହ ଗ୍ରାମରୁ ଗିରଫ କରିଛନ୍ତି । ତା ନାମରେ ୩ଟି ମାମଲାରେ ପୂର୍ବରୁ ଔରେଣ୍ଟଥିବାବେଳେ ପୁଲିସକୁ ଆକ୍ରମଣ କରିଥିବା କେସ ନମ୍ବର ୧୧୪/୧୯ରେ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ଫାଣ୍ଡି ଅଧିକାରି ଶ୍ରୀ ମଲିକ ସୁଚନା ଦେଇଛନ୍ତି ।

# ଭକ୍ତ ଦାସିଆଙ୍କ ପୀଠରେ ସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଡେଲାଙ୍ଗ, ୧୦।୬(ନି.ପ୍ର): ଭକ୍ତ ଶିରୋମଣି ଦାସିଆଙ୍କ ପିଠ ବାଲିଗାଁଠାରେ ଆସନ୍ତା ସ୍ନାନ ପୁର୍ଣ୍ଣିମା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସ୍ନାନଯାତ୍ରା ଓ ପିଠ ର ସର୍ବାଙ୍ଗିନ ଉନ୍ନତି ପାଇଁ ଏମସ ର ପୁର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ରଙ୍କ ଅଧକ୍ଷତାରେଏହି ଏହି ବୈଠକ ଅନୁଷ୍ଠିତ ହୋଇଛି । ସ୍ମୃତି କମିଟିର ସମ୍ପାଦକ ଘନଶ୍ୟାମ ସ୍ୱାଇଁ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣି ପାଠ ସଭ୍ୟ ମାନଙ୍କୁ ଅବଗତ କରାଇଥିଲେ । ସ୍ନାନ ପୁର୍ଣ୍ଣିମା ଠାରୁ ଶ୍ରୀଗୁଣ୍ଡିଚା ଓ ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱତନ୍ତ୍ର ତୁଳସୀ ବେଶକୁ ସମସ୍ତ ସଦସ୍ୟ ମାନେ ସାହାର୍ଯ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରତିବର୍ଷ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତକ



ଭାବକୁ ନିକଟ ତ୍ରୟାମାସିକା ଆଧାତ୍ମିକା ପ୍ରତିକା ଉନ୍ମୋଚନ କରାଯିବ । ଏହି ବୈଠକରେ +୨କିଟ ମହାବିଦ୍ୟାଳୟ ଅଧକ୍ଷ ଡଃ ଚିତ୍ତ ରଂଜନ ମିଶ୍ର ଡା ନରେନ୍ଦ୍ର ନାଥ ସାହୁ ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ ବିଜୟ କୁମାର ଦାସ ସିର୍ଦ୍ଧାଥ କାନୁନଗୋ ଡଃ ପ୍ରେମଲତା ଦେବୀ ସତ୍ୟବାଦି ଦାସ ଶ୍ରଦ୍ଧାଞ୍ଜଳି ଦାସ ମନୋରଂଜନ ପଟ୍ଟନାୟକ ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ହେଲମେଟ୍ ବ୍ୟବହାର ଉପରେ ଭିନ୍ନ ପ୍ରୟାସ

କନ୍ଧମାଳ,୧୦।୬(ନି.ପ୍ର): ଜିଲ୍ଲା ଫୁଲବାଣୀ ସହର କଣ୍ଟାକ୍ଟର ପଡା ବସବାସ କରୁଥିବା ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୁତ୍ର ଶ୍ରୀମାନ ସ୍ନିଗ୍ଧ ସୌରଭ ବୟସ ୨୪ବର୍ଷ ସେ ବର୍ତ୍ତମାନ ମହାରାଷ୍ଟ୍ର ରାଜ୍ୟର ପୁନେଠାରେ ଏକ ଆମେରିକୀୟ ଜେଡିଏସ କମ୍ପାନୀ ରେ ଆଇଟି ଇଞ୍ଜିନିୟରିଂ ଭାବେ କାର୍ଯ୍ୟରତ । ଶ୍ରୀ ସୌରଭ ଏହି ଅବସର ହେଲମେଟ୍ ବ୍ୟବହାର ଉପରେ ଦେଶର ଦୁଇ ଚକିଆ ଯାନ ବ୍ୟବହାର କରୁଥିବା ଯୁବ-ସମାଜକୁ ଆହ୍ୱାନ ଦେଇ ସୁଦୂର ପୁନେରୁ ପଣ୍ଡିତ-ଚୟରି ୨୬୦୦ଶହ କିଲୋମିଟର ୨୦୧୮ ମସିହାରେ ଓ ୨୦୧୯ ପୁନେରୁ ଓଡିଶା ରାଜ୍ୟ କନ୍ଧମାଳ ଜିଲ୍ଲା ୧୫୦୦ଶହ କିଲୋମିଟର ଅତିକ୍ରାନ୍ତ କରି ଗତ କାଲି ସଂଧ୍ୟା ୪.୩୦ମି.ରେ ଫୁଲବାଣୀ ପହଞ୍ଚିଛନ୍ତି । ଏହି ଅବସରରେ ଉପସ୍ଥିତ ସୁବେଚ୍ଛୁ ବନ୍ଧୁ ଓ ଅନ୍ୟାନ୍ୟ ପ୍ରିୟଜନଙ୍କ ନିଜର ଏହି ଅଭିଯାନକୁ ଭାରତ ବର୍ଷର ବୋହୁ ସହରରେ ପହଞ୍ଚିବା ପ୍ରୟାସ ଜାରି ରଖିବା ସହ ବିଦେଶ ଇଂଲଣ୍ଡ ଯାତ୍ରା କରିବା ମଧ ସଂକଳ୍ପ ନେଇଥିବା ସୂଚନା ଦେଇଛନ୍ତି । ସେ ବିଶେଷ ଭାବରେ ହେଲମେଟ୍ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ସ୍ଥାନୀୟ ଏଫ୍.ସି.ଆଇ ଛକ ନିକଟରେ କର୍ମଚାରୀ ସଂଘ ପକ୍ଷରୁ ଓ ସହରର ବିଭିନ୍ନ ଜନସାଧାରଣ ସହ ଗଣ ପ୍ରତିନିଧି ମାନେ ଉପସ୍ଥିତ ରହି ସୁବେଚ୍ଛା ଜଣାଇ ଥିଲେ । ସେମାନେ ହେଲେ କର୍ମଚାରୀ ସଂଘ ପକ୍ଷରୁ ପଦ୍ମ ଚରଣ ମହାନ୍ତି, ବ୍ରଜ ପଟ୍ଟାୟକ, ହେମନ୍ତ କୁମାର ମହାନ୍ତି, ଶିକ୍ଷକ ସଂଘ ଓ ବରିଷ୍ଠ ନାଗରିକ ବିଭିନ୍ନ ଯୁବକ ସଂଘର କର୍ମକର୍ତ୍ତା ସମେତ ବରିଷ୍ଠ ସାମ୍ବାଦିକ ଫିଲିମୋହନ ନାୟକ. ବିଭି ଶଙ୍କର ଉପସ୍ଥିତ ଥି;ଲେ।

# ବ୍ୟାପୁଛି ଝାଡାବାନ୍ତି : ମହାମାରୀ ରୂପନେବା ଆଶଙ୍କା

ନିଆଳୀ, ୧୦।୬(ନି.ପ୍ର): ବାତ୍ୟା ଫନୀ ପରେ ନିଆଳୀ ବ୍ଲକରେ କ୍ଷୟକ୍ଷତିର ଆକଳନ ନସରୁଣୁ ଲୋକଙ୍କ ମନରୁ ଦୁଃଖ ନସରିଥିବାବେଳେ ଏବେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଶହ ଶହ ସଂଖ୍ୟାର ରୋଗରେ ପୀଡିତ ହୋଇ ମେଡିକାଲରେ ଚିକୀତ୍ସିତ ହେଉଛନ୍ତି । ଯାହାକୁ ନେଇ ମହାମାରୀ ହେବାର ଆଶଙ୍କା ପ୍ରକାଶ ପାଇଛି । ବାତ୍ୟାପରେ ବିଦ୍ୟୁତ ସମସ୍ୟା ଓ ଅସହ୍ୟ ଖରା ଗୁଲୁଗୁଲିରେ ଜନ ସାଧାରଣ ଅତିଷ୍ଠ ହୋଇ ଏହି ରୋଗରେ ଆକ୍ରାନ୍ତ ହେଲେଣି । ଘରେ ଘରେ ଝାଡା ବାନ୍ତି ବ୍ୟାପୀବାରେ ଲାଗିଛି । ଏନେଇ ନିଆଳୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନରାତି ରୋଗୀଙ୍କ ଧାଡି ଲାଗିଥିବାବେଳେ ବେଡ ଫୁଲ ହୋଇ ତଳେ ଶୋଇ ରୋଗୀ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଦିର୍ଘଦିନ ବା ବାତ୍ୟାଠାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲିଚିଂ ଓ ଫିନାଇଲ ନଥିବା ଜଣାଯାଇଛି । ଏହି ରୋଗୀମାନେ ବ୍ୟବହାର କରୁଥିବା ମେଡିକାଲ ଲାଟିନରେ ବ୍ଲିଚିଂବା ଫିନାଇଲ ନପଡୁଥିବାରୁ ରୋଗ ନିୟନ୍ତ୍ରଣ ହେବା କଷ୍ଟସାଧ୍ୟ ହେଉଛି । ସିଡିଏମଓ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷପ ନନେଲେ ଏଠାରେ ଏହି ଝାଡାବାନ୍ତି ମହାମାରୀ ରୂପ ନେବାର ଆଶଙ୍କାକୁ ଏଡାଇ ହେବନାହିଁ ।

# କଳାକାରମାନଙ୍କଠାରୁ ଫାଷ୍ଟ୍ ଟେକ୍ କାର୍ଯ୍ୟକ୍ରମ ପାଇଁ ଆବେଦନ

ଭୁବନେଶ୍ୱର, ୧୦।୬(ନି.ପ୍ର): ଅବିର ଚାରିଟେବୁଲ୍ ଟ୍ରଷ୍ଟ୍ ପକ୍ଷରୁ ହୁଥେସିଂ ଭିଜୁଆଲ୍ ଆର୍ଟ ସେଂଟରରେ ଆୟୋଜନ କରାଯିବାକୁ ଥିବା ବାର୍ଷିକ ଫାଷ୍ଟ୍ ଟେକ୍ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ବିଷୟରେ ଘୋଷଣା କରାଯାଇଛି । କଳା ଓ କଳାକାରଙ୍କ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଦେଶର ସବୁ ଅଂଚଳର କଳାକାରଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି । ଛୋଟ ସହର ଓ ଗ୍ରାମାଚଂଳର କଳାକାରମାନେ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ । ଆସିବାକୁ ଥିବା ଆବେଦନଗୁଡ଼ିକରୁ ବିଚାରକ ମଣ୍ଡଳୀ ଦ୍ୱାରା ଅନୁଧ୍ୟାନ କରାଯିବ । ବିଚାରକ ମଣ୍ଡଳୀରେ ଶ୍ରୀଯୁକ୍ତ ଉମଙ୍ଗ ହୁଥେସିଙ୍ଗ, ଶ୍ରୀଯୁକ୍ତ ସୁବୋଧ କେରକର, ଶ୍ରୀମତୀ ବ୍ରିନ୍ଦା ମିଲର, ଶ୍ରୀଯୁକ୍ତ ଜୟନ୍ତୀ ରାବାଡ଼ିଆ ଏବଂ ଶ୍ରୀଯୁକ୍ତ ବୀର ମୁନସିଙ୍କ ଭଳି ବ୍ୟକ୍ତିତ୍ୱ ରହିବେ । ଏହି କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ୨୦୧୯ ନଭେମ୍ବର ୧୯ରେ ଆୟୋଜନ କରାଯିବ ଯେଉଁଠାରେ ଏକ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟିତ ହେବ । ଏଥର ଏହି କାର୍ଯ୍ୟକ୍ରମକୁ କ୍ଲାରିସ୍ ସହଯୋଗରେ ଆୟୋଜନ କରାଯିବ ।

ଏହି କାର୍ଯ୍ୟକ୍ରମ ପାଇଁ କଳାକାରମାନେ ଜୁନ୍ ୬ରୁ ଜୁଲାଇ ୧୬, ୨୦୧୯ ପର୍ଯ୍ୟନ୍ତ ନିଜର କଳାକୃତି ପଠାଇପାରିବେ । ପ୍ରକୃତ କଳାକୃତିକୁ ସେପ୍ଟେମ୍ବର ୬, ୨୦୧୯ ସୁଦ୍ଧା ଦାଖଲ କରିବାକୁ ହେବ । ବିଚାରକ ମଣ୍ଡଳୀ ଯେଉଁ ଶ୍ରେଷ୍ଠ କଳାକୃତିଗୁଡ଼ିକୁ ଚୟନ କରିବେ ସେଗୁଡ଼ିକୁ ୭ ଦିନ ପର୍ଯ୍ୟନ୍ତ ପ୍ରଦର୍ଶନ କରାଯିବ । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତି କମରେ ୧୦ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ ।

ଏହି କାର୍ଯ୍ୟକ୍ରମ ବିଷୟରେ ଶ୍ରୀମତୀ ରୁବି ଜାଗୃତ, ପ୍ରତିଷ୍ଠାତା ଟ୍ରଷ୍ଟି, ଅବିର ଚାରିଟେବଲ୍ ଟ୍ରଷ୍ଟ କହିଛନ୍ତି ଯେ, ବଅବିର ହେଉଛି କଳାକାରଙ୍କ ପାଇଁ ଏକ କାନଭାସ ଏବଂ ଏହା ଏକତ୍ରୀତ ହୋଇ ରଙ୍ଗର ଉତ୍ସବକୁ ପାଳନ କରୁଛି । ଏହା ହେଉଛି ଏକ ଗୋଷ୍ଠୀ ଅଭିଯାନ ଯାହା କଳାକୃତି ପ୍ରସ୍ତୁତ କରୁଥିବା ଏବଂ କଳାକୁ ଭଲ ପାଉଥିବା ଲୋକଙ୍କୁ ଏକଜୁଟ କରୁଛି । ଅବିରରେ ଆମେ ଯୁବ କଳାକାରଙ୍କୁ ଆଗକୁ ବଢ଼ାଇବା ପାଇଁ ସହାୟତା ପ୍ରଦାନ କରୁଛି ଏବଂ ସୁନ୍ଦର କଳାକୃତି ଓ ତାହାକୁ ଭଲ ପାଉଥିବା ଲୋକମାନଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରୁଛୁ । ବିଗତ ତିନିଟି ସଂସ୍କରଣ ବହୁତ ଭଲ ରହିଲା ଏବଂ ଦେଶର କୋଣ ଅନୁକୋଣରୁ ଏଥିପାଇଁ ଆବେଦନ ପହଂଚିଥିଲା । ଏଥର ଆମେ ଅଧିକରୁ ଅଧିକ କଳାକାରଙ୍କ ପାଖରେ ପହଂଚିବାକୁ ଉଦ୍ୟମ କରିବୁ ।''

କ୍ଲାରିସ୍‌ର ଭିସି ଓ ଏମ୍‌ଡି ଶ୍ରୀଯୁକ୍ତ ଅର୍ଜୁନ ହାଣ୍ଡା କହିଛନ୍ତି ଯେ ଜଣେ କଳାର ଉତ୍ସାହୀ ଭାବେ ମୁଁ ଦେଖିଛି ଯେ କିଛି ବର୍ଷ ଭିତରେ ଭାରତରେ ସମସାମୟିକ କଳାର ଅଭ୍ୟୁଦୟ ହୋଇଛି । ଆମ ଦେଶରେ ଥିବା ବିପୁଳ ପରିମାଣର ପ୍ରତିଭାଙ୍କ ପାଖରେ ଅନେକ ନୂତନ ଚନ୍ତାଧାରା ରହିଛି । ତେବେ ସେଗୁଡ଼ିକ ପୂର୍ଣ୍ଣ ଉପଯୋଗ ହୋଇପାରିଛନ୍ତି । ଅବିରର ଫାଷ୍ଟ୍ ଟେକ୍ ଜରିଆରେ ଆମେ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଉଦ୍ୟମ କରୁଛୁ ।

# ଲୁଟେରା ଗ୍ୟାଙ୍ଗର ୪ ସଦସ୍ୟ ଗିରଫ

ରାୟଗଡା , ୧୦।୬(ନି.ପ୍ର): ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ କୈଳାଶକୋଟା ଘାଟିରେ ଗତ ୩ ମାସ ତଳେ ହୋଇଥିବା ଏକ ଲୁଟି ଘଟଣାର ପର୍ଦ୍ଦାଫାସ କରିଛି ଚାନ୍ଦିଲି ପୋଲିସ । ଘଟଣା ମୁତାବକ ଗଂଜାମ ଜିଲ୍ଲା ବ୍ରହ୍ମପୁର ବଡବଜାର ଅଂଚଳର ବାସନ ବେପାରୀ ଗୌରୀଶଙ୍କର ନାୟକ ହୋଲସେଲ ଭାବେ କୋରାପୁଟି ଏବଂ ଜୟପୁର ବ୍ୟବସାୟୀଙ୍କ ସପ୍ଲାଇ କରୁଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୧ ତାରିଖ ଦିନ ଶ୍ରୀନାୟକ ନିଜ ପିକଅପ ଭ୍ୟାନ ଡ୍ରାଇଭର କାହ୍ନୁ ବେହେରା ସହ ବିକ୍ରୀ ଟଙ୍କା ଆଦାୟ କରିବା ପାଇଁ ଜୟପୁର ଯାଇଥିଲେ । ତେବେ ଡ୍ରାଇଭର କାହ୍ନା



ଗୌରୀଶଙ୍କର ନାୟକଙ୍କ ଟଙ୍କାକୁ ଲୁଟ୍ କରିବା ପାଇଁ ଯୋଜନା କରିସାରିଥିଲା । ଯୋଜନା ମୁତାବକ ବ୍ରହ୍ମପୁର ଅଂଚଳର ସୁଶାନ୍ତ ବେହେରା, କୁରୁପତି ଭୂୟାଁ ଓ ସମ୍ରାଟ ମହାରଣାକୁ ରାୟଗଡା ଡକାଇଥିଲା । ମାର୍ଚ୍ଚ ମାସ ୨୦ ତାରିଖ ଦିନ କୁରୁଭୂୟାଁଙ୍କ ରାୟଗଡାରେ ଥିବା ସଂପର୍କୀୟଙ୍କ ଘରେ ଅନ୍ୟ ୨ ସହଯୋଗୀ ରହିଥିଲେ । ଏ ସବୁ ଭିତରେ ଗୌରୀଶଙ୍କର ନାୟକଙ୍କ ଟିକ୍‌ନିଖ ଖବର ସବୁ ଫୋନ ମାଧ୍ୟମରେ ୩ ସହ ଯୋଗୀଙ୍କୁ ଡ୍ରାଇଭର କାହ୍ନା ପ୍ରଦାନ କରୁଥିଲା । ଯୋଜନା ମୁତାବକ ଯେତେବେଳେ ଗାଡିଟି କୈଳାଶକୋଟା ଘାଟି ଚଢିବା ସମୟରେ ଲୁଟେରା ମାନେ ଘାଟି ମଝିରେ ଗାଡିକୁ ଅଟକାଇ ଧାରୁଆ ଅସ୍ତ୍ର ଦେଖାଇ ଶ୍ରୀନାୟକଙ୍କୁ ଭୟଭୀତ କରାଇ ତାଙ୍କ ନିକଟରେ ଥିବା ଦେଢ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ । ଘଟଣା ସଂପର୍କରେ ବ୍ୟବସାୟୀ ଜଣକ ଚାନ୍ଦିଲି ଥାନାରେ ଅଭି ଯୋଗ କରିବା ପରେ କେଶ ନଂ ୫୮/୨୦୧୯ ପ୍ରକାର ଏକ ମାମଲା ରୁଜ୍ଜୁ କରି ଚାନ୍ଦିଲି ପୋଲିସ ତଦନ୍ତ ଆରମ୍ଭ କରିଥିଲେ । ତେବେ ଡ୍ରାଇଭର କାହ୍ନାର ଗତିବିଧି ଉପରେ ଚାନ୍ଦିଲି ପୋଲିସ ତୀକ୍ଷଣ ନଜର ରଖିବା ସହ ତାର ମୋବାଇଲ କୁ ଟ୍ରାକିଙ୍ଗ କରୁଥିଲେ । ମୋବାଇଲ ଟ୍ରାକିଙ୍ଗରୁ ହିଁ ଘଟଣାର ପର୍ଦ୍ଦାଫାସ ହୋଇଥିଲା । ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ନଗଦ ୫ ହଜାର ଟଙ୍କା ଏବଂ ଡକାୟତ ସମୟରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛନ୍ତି । ଗିରଫ ପରେ ୪ ଅଭିଯୁକ୍ତଙ୍କୁ କୋଲନରା ଗ୍ରାମୀଣ ନ୍ୟାୟଳୟରେ ହାଜର କରାଯାଇଥିଲେ । ସମସ୍ତ ଅଭିଯୁକ୍ତଙ୍କ ନାମରେ ଗଂଜାମ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ଥିବା ଚାନ୍ଦିଲି ପୋଲିସ ସୂଚନା ଦେଇଛନ୍ତି ।



ମହାପୁରୁଷଙ୍କ ଲେଖନୀରୁ ...

ଚମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଜଗନଙ୍କ ଦୃଢ ପଦକ୍ଷେପ

ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ୍ ରେଡ୍ଡୀ ନିଜ ମନ୍ତ୍ରିମଣ୍ଡଳ ଗଠନ ବେଳେ ୫ଜଣ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରିଛନ୍ତି ଯାହା ଭାରତ ବର୍ଷରେ ବିରଳ । କୌଣସି ରାଜ୍ୟରେ କେବେ ଦୁଇରୁ ଅଧିକ ଉପ-ମୁଖ୍ୟମନ୍ତ୍ରୀ ଦେଖିବାକୁ ମିଳେନି । ଅଧିକାଂଶ ରଜ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଭାବେ କେହି ନିଯୁକ୍ତି ମଧ୍ୟ ପାଇନଥାନ୍ତି । ଏହାର କିଛି ଆବଶ୍ୟକତା ନାହିଁ । ଭାରତୀୟ ସମ୍ବିଧାନରେ ଉପ-ପ୍ରଧାନମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ବୋଲି କିଛି ପଦ ସମ୍ପର୍କରେ ଉଲ୍ଲେଖନାହିଁ । ଏହା ଏକ ଇଚ୍ଛାଧିନ ପଦ । ରାଜନୈତିକ ବାଧ୍ୟବାଧକତା ଦୃଷ୍ଟିରୁ ଅନେକ ସମୟରେ ଉପ-ପ୍ରଧାନମନ୍ତ୍ରୀ ବା ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯାଏ । ଉଦାହରଣ ସ୍ୱରୂପ ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିବା ସଚିନ୍ ପାଇଲଟଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେଠାରେ ଉପ-ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି । ଓଡ଼ିଶାରେ ୧୯୯୫ରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଏଭଳି ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ଥିଲେ । କିନ୍ତୁ ସବୁ ବେଳେ ରାଜ୍ୟରେ ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବାର ନଜିର ନାହିଁ । କିନ୍ତୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ୍ ରେଡ୍ଡୀ ଜଣେ ବା ଦୁଇ ଜଣ ନୁହେଁ, ଏକାଥରେ ୫ଜଣ ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଛନ୍ତି । ୫ଜଣ ଉପ-ମୁଖ୍ୟମନ୍ତ୍ରୀ ଭିନ୍ନ ଭିନ୍ନ ଜାତି, ଧର୍ମ ବା ଗୋଷ୍ଠୀର ପ୍ରତିନିଧିତ୍ୱ କରୁଛନ୍ତି । ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ଅନ୍ୟ ପଛୁଆ ବର୍ଗ ଏବଂ ପ୍ରଭାବଶାଳି କୁପା ସମ୍ପ୍ରଦାୟର ଜଣେ ଲେଖାଏଁ ପ୍ରତିନିଧିଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି । ସବୁ ଗୋଷ୍ଠୀ ବା ସମ୍ପ୍ରଦାୟକୁ ଖୁସି କରିବା ପାଇଁ, ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜଗନ୍ ଏଭଳି ଅଭିନବ ପ୍ରୟାସ କରିଛନ୍ତି ଯାହା ନିହାତି ହାସ୍ୟାସ୍ପଦ ଏବଂ ଅପ୍ରାସଙ୍ଗିକ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଜଣେ ମୁଖ୍ୟମନ୍ତ୍ରୀ ବା ଉପ-ମୁଖ୍ୟମନ୍ତ୍ରୀ ହୋଇଗଲେ ସେହି ଗୋଷ୍ଠୀ ଉପକୃତ ହେବେ ବା ଖୁସି ହେବେ ସେପରି ଭାବିବା ଭୂଲ୍ । ଏକ ନିର୍ଦ୍ଦିଷ୍ଟ ଜାତି ବା ଧର୍ମର କାହାକୁ ଉପ-ମୁଖ୍ୟମନ୍ତ୍ରୀ କରାଗଲେ ସେହି ସମ୍ପ୍ରଦାୟ ବା ଗୋଷ୍ଠୀର କଲ୍ୟାଣ ହେବ, ଦାରୀଦ୍ର୍ୟ ଏବଂ ବେକାରୀ ଦୂର ହୋଇଯିବ ସେଭଳି ଚିନ୍ତାଧାରା ଭିତ୍ତିହୀନ । ଯଦି ତାହା ସମ୍ଭବ ହେଉଥାନ୍ତା ତେବେ ସବୁ ଗୋଷ୍ଠୀ ବା ସମ୍ପ୍ରଦାୟରୁ ଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯିବା ଉଚିତ । କିମ୍ବା ମୁଖ୍ୟମନ୍ତ୍ରୀ ପଦ ପାଳି କରି ସବୁ ସମ୍ପ୍ରଦାୟର ନେତାଙ୍କୁ ମିଳନ୍ତା । ସେହିପରି କେନ୍ଦ୍ରରେ ସବୁ ରାଜ୍ୟର ଜଣେ ସାଂସଦ ବା ସବୁ ଜାତି ବା ଧର୍ମର ଜଣେ ଲେଖାଏଁ ପ୍ରତିନିଧିଙ୍କୁ ଉପ-ପ୍ରଧାନମନ୍ତ୍ରୀ କରାଯାଉଥାନ୍ତା । ଏଭଳି ଚିନ୍ତାଧାରା ଏକ ରୁଗ୍ଣ ମାନସିକତାର ପରିଚାୟକ । ଏହା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ତୁଷ୍ଟିକରଣ ରାଜନୀତିର ନଗ୍ନ ନମୂନା । ଏହା ଦ୍ୱାରା ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟର ଭୋଟରମାନେ ସବୁ ବେଳେ ବା ପରବର୍ତ୍ତୀ ନିର୍ବାଚନରେ ଶାସକ ଦଳ ସପକ୍ଷରେ ଭୋଟ୍ ଦେବେ ବୋଲି କୁହାଯାଇପାରିବ ନାହିଁ । ଯଦି ତାହା ହେଉଥାନ୍ତା, ତେବେ ଚନ୍ଦ୍ରବାବୁ ନାଇଡୁଙ୍କ ସରକାରରେ ଯେଉଁ ଭିନ୍ନ ଭିନ୍ନ ଗୋଷ୍ଠୀର ଦୁଇ ଜଣ ଉପ-ମୁଖ୍ୟମନ୍ତ୍ରୀ ରହିଥିଲେ, ସେହି ଗୋଷ୍ଠୀର ସମସ୍ତେ ଟିଡିପିକୁ ଭୋଟ୍ ଦେଇଥାନ୍ତେ । କିନ୍ତୁ ତାହ ହେଲା ନାହିଁ । ସରକାରରେ ସବୁ ଗୋଷ୍ଠୀ, ସମ୍ପ୍ରଦାୟର ପ୍ରତିନିଧିତ୍ୱ ରହିଲେ ଭଲ । କିନ୍ତୁ ଭାରତରେ ବହୁ ଜତି, ଧର୍ମ, ଭାଷାର ଲୋକ ବାସକରନ୍ତି । ସମସ୍ତଙ୍କୁ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ମିଳିବା ସମ୍ଭବ ନୁହେଁ । ଦେଶର ବିକାଶ ପାଇଁ, ସବୁ ଗୋଷ୍ଠୀର ସମାନ୍ତରାଳ ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହେବା ଜରୁରୀ । ବିକାଶ ପାଇଁ ଯୋଜନା ଜରୁରୀ । ତୁଷ୍ଟିକରଣ ରାଜନୀତିର ଆବଶ୍ୟକତା ନାହିଁ, ପଦପଦବୀ ଜରୁରୀ ନୁହେଁ । ନିର୍ବାଚନରେ ପ୍ରାର୍ଥୀ ଚୟନ କରାଯିବା ବେଳେ ବିଭିନ୍ନ ଦଳ ପକ୍ଷରୁ ଅନେକ ସମୟରେ ସଂଖ୍ୟାଗରିଷ୍ଠ ବା ପ୍ରଭାବଶାଳି ଗେଷ୍ଠୀକୁ ପ୍ରଧାନ୍ୟ ଦିଆଯାଇ ସମ୍ପୃକ୍ତ ଗୋଷ୍ଠୀର ନେତାଙ୍କୁ ଟିକେଟ୍ ପ୍ରଦାନ କରାଯାଇଥାଏ । ଏପରିକି ଜାତି ବା ଧର୍ମ ଭିତ୍ତିରେ ମୁଖ୍ୟମନ୍ତ୍ରୀ ଚୟନ ମଧ୍ୟ କରାଯାଇଥାଏ । ଏହାକୁ ଗଣତନ୍ତ୍ର ବିରୋଧୀ ବୋଲି କହିଲେ ଭୂଲ୍ ହେବ ନାହିଁ । ବିକାଶ ପାଇଁ ପଦପଦବୀ ଜରୁରୀ ନୁହେଁ । ଏଥିପାଇଁ ନିଷ୍ଠା ଓ ଆନ୍ତରିକତା ଜରୁରୀ ।

## ଦ୍ୱାଦଶାହରେ ଶିବ ପ୍ରସାଦ ସାହୁଙ୍କୁ ଭାବାବେଗ ଶ୍ରଦ୍ଧାଞ୍ଜଳି

ଯୁବ ଶିକ୍ଷା ସଂଗଠକ ତଥା ସମାଜସେବୀ ଶିବ ପ୍ରସାଦ ସାହୁଙ୍କୁ ଦ୍ୱାଦଶାହରେ ଭାବାବେଗ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏତଦ୍‌ବ୍ୟତୀତ ମାତ୍ର ୩୧ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିବାରୁ ତାଙ୍କ ପିତାମାତା ଓ ସାନଭାଇଙ୍କୁ ସମବେଦନା ଦିଆଯାଇଛି । ସମାଜସେବୀ ସୁନିଲ୍ କୁମାର ରଥଙ୍କ ଆବାହକତ୍ୱରେ ୟୁନିଟ୍-୨ସ୍ଥିତ ହନୁମାନ ମନ୍ଦିର ପରିସରରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଧାନ ସଚିବ ଶିଶିରକାନ୍ତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନା, ବିର୍ଲା ଗ୍ରୁପ୍‌ର ଅଧିକାରୀ ଚିତ୍ତରଞ୍ଜନ ବାହିନୀପତି, ହାଇଟେକ୍ ଗ୍ରୁପ୍‌ର କାର୍ଯ୍ୟକର୍ତ୍ତା ସନ୍ତୋଷ ଚୌଧୁରୀଙ୍କ ସମେତ ସମ୍ବାଦିକ ଭବାନୀ ପରିଡ଼ା, ଶିବପ୍ରସାଦ ରାଉଳ, ତୃଣବିନ୍ଦୁ ମହାନ୍ତି, ଏସ୍. ପବନକୁବାର, ସାଇ ଶଙ୍କର, ଅଭିନ୍ନ ପ୍ରଧାନ, ପ୍ରଦିପ୍ତ ପଣ୍ଡା, ସିମାଞ୍ଚଳ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ସ୍ୱର୍ଗତ ସାହୁ ଭବାନିପାଟଣା ସହରରେ ଜନ୍ମଗ୍ରହଣ କରିଥିବା ବେଳେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ । ପରବର୍ତ୍ତୀ ସେ ଗାୟତ୍ରୀ ଗ୍ରୁପ୍ ସହିତ ଜଡ଼ିତ ହୋଇ ବହୁ ଶିକ୍ଷାନୁଷ୍ଠାନ ସ୍ଥାପନ କରିଥିଲେ । ଦୁଃଖର କଥା ହେଉଛି ଯେ ଯେଉଁ ମେ ୨୮ ତାରିଖରେ ଜନ୍ମ ହୋଇଥିଲେ ସେହି ଦିନ ହିଁ ମୃତ୍ୟୁମୁଖରେ ପଡ଼ିଥିଲେ । ବିଧାୟକ ତାରାପ୍ରସାଦ ବାହିନୀପତି ଏଥିପାଇଁ ଶୋକପ୍ରକଟ କରିଛନ୍ତି ।



# ୨୦୧୯ ସାଧାରଣ ନିର୍ବାଚନର କିଛି କଥା ଓ ବ୍ୟଥା

**ସୁବାସ କୁମାର ତାରଣିଆଁ**

ଇତି ମଧ୍ୟରେ ବହୁ ପ୍ରତିକ୍ଷିତ ଓ ଚର୍ଚ୍ଚିତ ୨୦୧୯ ସାଧାରଣ ନିର୍ବାଚନ ସରିଯାଇଛି ଏବଂ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ, ଏକଜିଟ୍ ପୁଲ୍‌ର ପୂର୍ବାନୁମାନକୁ ଭୁଲ୍ ପ୍ରମାଣିତ କରି ଓଡ଼ିଶାରେ ବିଜୁ ଜନତା ଦଳ ପୁଣିଥରେ କ୍ଷମତା ଲାଭ କରିଛି । ୧୪୬ଟି ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳ ଏକାକୀ ୧୧୨ଟି ଆସନରେ ବିଜୟୀ ହୋଇ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ବିଜେପି ୨୩ଟି ଆସାନ ପାଇ ଦ୍ୱିତୀୟ ସ୍ଥାନ ହାସଲ କରି ବିରୋଧୀ ଦଳର ମାନ୍ୟତା ପାଇଛି । କଂଗ୍ରେସ ଦୁଇଅଙ୍କ ଆସନ ଛୁଇଁନପାରି ୯ଟି ଆସନରେ ବିଜୟୀ ହୋଇ ବିରୋଧୀ ଦଳ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି ଓ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ବିଧାନସଭା ଆସନରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲାଙ୍କ ମୃତ୍ୟୁଜନିତ କାରଣରୁ ନିର୍ବାଚନ ହୋଇପାରିନାହିଁ । ସେହିପରି ଲୋକସଭା ଆସନରେ ମଧ୍ୟ ବିଜୁ ଜନତା ଦଳ ୧୨ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ୮ଟି ଆସନରେ ବିଜୟୀ ହୋଇଛି ଏବଂ କଂଗ୍ରେସ ମାତ୍ର ୧ଟି ଆସନରେ ସନ୍ତୁଷ୍ଟ ରହିଛି । ପୂର୍ବରୁ ୨୦୦୯ ମସିହା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ୧୦୩ଟି ଆସନରେ ବିଜୟୀ ହୋଇଥିବା ବେଳେ ୨୦୧୪ ମସିହା ସାଧାରଣ ନିର୍ବାଚନରେ ୧୧୬ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ୧୧୨ଟି ଆସନରେ ବିଜୟୀ ହୋଇ କ୍ରମାଗତ ହ୍ୟାଟ୍ରିକ ଶତକ ସହିତ ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି ।

ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଯେଉଁ 'ପରିବର୍ତ୍ତନର ସ୍ୱର' ହାୱା ବହୁଥିଲା ଓଡ଼ିଶାବାସୀ ତାହାକୁ ଭୁଲ୍ ପ୍ରମାଣିତ କରିଛନ୍ତି ଯାହା ନିର୍ବାଚାନ ଫଳାଫଳରୁ ଜଣାପଡ଼ିଛି । ସାରା ରାଜ୍ୟରେ ମୋଦି ଲହରି 'ଏଥର ଓଡ଼ିଶାରେ ପରିବର୍ତ୍ତନ ନିଶ୍ଚିତ' ତାହା ସଫଳ ହୋଇପାରିଲା ନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାରା ଓଡ଼ିଶାରେ ସବୁଠି ଚର୍ଚ୍ଚା ଚାଲିଥିଲା ଚଳିତ ନିର୍ବାଚନରେ ବିଜେଡ଼ି ୩୦ରୁ ୪୦ଟି ଆସନ, ବିଜେପି ୮୦ରୁ ୯୦ଟି ଆସନ ଓ କଂଗ୍ରେସ ୧୦ରୁ ୨୦ଟି ଆସନ ଜିତିବ । ଘନ ଘନ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନଙ୍କ ଓଡ଼ିଶା ଗସ୍ତ ଫଳରେ ଓଡ଼ିଶାରେ ମୋଦି ହାୱା ବହିବା ସହିତ ବିଜେପି ତରଫରୁ ବିଭିନ୍ନ ସଭା ସମିତି ମାଧ୍ୟମରେ ପରିବର୍ତ୍ତନର ସ୍ୱରକୁ ବାସ୍ତବରେ ପରିଣତ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ ବରିଷ୍ଠ ନେତୃମଣ୍ଡଳୀମାନେ । କର୍ମୀମାନେ ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଦିନ ରାତି ଚେଷ୍ଟା କରିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ, ଓଡ଼ିଶାରେ ବିଜେପି ଏକାକୀ ଶାସନ କରିବ ଏବଂ ବିଜେପିର ଶପଥ ଗ୍ରହଣ ଉତ୍ସବକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ନିମନ୍ତ୍ରଣ କରିବା ଯାଏ କଥା ଯାଇଥିଲା । କିନ୍ତୁ ଏସବୁ ସଫଳ ହୋଇପାରିନଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ । ଦୀର୍ଘ ୨୦ ବର୍ଷ ଧରି ନିଜର ସ୍ୱଚ୍ଛ ଭାବମୂର୍ତ୍ତି, ଲୋକପ୍ରିୟତା, ସରଳ ସ୍ୱଭାବର ହାବଭାବକୁ ଓଡ଼ିଶାବାସୀ ପୁଣିଥରେ ଗ୍ରହଣ କରିନେଇଛନ୍ତି । ଏହି ନିର୍ବାଚନରେ କିଛି ସଂଗଠନ ମଧ୍ୟ ନବୀନଙ୍କୁ ବିରୋଧ କରି ବିଜୁ ଜନତା ଦଳକୁ ଭୋଟ ନଦେବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ ରଖିଥିଲେ ମଧ୍ୟ ସଫଳ ହୋଇପାରି ନଥିଲେ । ସବୁଠାରୁ ମଜାଦାର କଥା ହେଲା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ସବୁଠି ଚର୍ଚ୍ଚା ଚାଲିଥିଲା ବେଳେ ଅନେକ ଆକ୍ଷେପ କରିଥିଲେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ । ବିଭିନ୍ନ ସ୍ଥାନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା । କିନ୍ତୁ ଏସବୁକୁ ଭ୍ରୂକ୍ଷେପ ନକରି ନିଜେ ନବୀନ ରଣନୀତି ପ୍ରସ୍ତୁତ କରି ପ୍ରତି ଜିଲ୍ଲା, ପ୍ରତି ନିର୍ବାଚନ ମଣ୍ଡଳୀ ଗସ୍ତ କରି ନୂତନ ଶୈଳୀରେ ଖୋଲା ବସ୍ ଯୋଗେ ଲୋକମାନଙ୍କୁ ଭେଟି ତାଙ୍କ ନିକଟତର ହୋଇପାରିଥିଲେ ଯାହା ଫଳରେ ତାଙ୍କୁ ପ୍ରବଳ ଜନସମର୍ଥନ ମିଳିଥିଲା ।

ଦ୍ୱିତୀୟରେ ବିଜୁ ଜନତା ଦଳର ଅଭିଜ୍ଞ ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପୁରା ଦମ୍‌ରେ ତାର ସମସ୍ତ ରଣନୀତି ପ୍ରସ୍ତୁତ କରି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ସହ ରାଜ୍ୟବ୍ୟାପୀ ଗ୍ରାମସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସଂଗଠନ ମଜଭୁତ କରିଥିଲା । ଯୁବଗୋଷ୍ଠୀମାନଙ୍କୁ ନେଇ ବିଜୁ ଯୁବ ବାହିନୀ ଗଠନ, ଚାଷୀମାନଙ୍କ ପାଇଁ କାଳଆ ଯୋଜନା ମାଧ୍ୟରେ ଟଙ୍କା ପ୍ରଦାନ, ମହିଳାମାନଙ୍କ ପାଇଁ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା, ମୋବାଇଲ ପ୍ରଦାନ ପ୍ରମୁଖ ଭଲ ଭଲ ଯୋଜନା ମାନ କରି ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ ଯାହାର ଫଳସ୍ୱରୂପ ଓଡ଼ିଶାବାସୀ ପୁଣିଥରେ ନବୀନଙ୍କୁ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ଦେଇଛନ୍ତି ।

ଅପର ପକ୍ଷରେ ବିଜେପି ୨୦୧୪ ନିର୍ବାଚନ ତୁଳନାରେ ୨୦୧୯ ନିର୍ବାଚନରେ ଫଳାଫଳ ଭଲ କରିଥିବା ବେଳେ କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ଗୋଡ଼ଟଣା ନୀତି ଯୋଗୁ ବିରୋଧୀ ଦଳ ଭୂମିକା ହରାଇ ଗତ ନିର୍ବାଚନ ଅପେକ୍ଷା ୨୦୧୯ ନିର୍ବାଚନରେ ଶୋଚନୀୟ ପରାଜୟ ବରିଣ କରିଛି । ସେହିପରି ପରିବାରବାଦ ରଣନୀତି ଫେଲ୍ ହୋଇଥିବା ବେଳେ ଦଳବଦଳ କରିଥିବା ବିଶେଷକରି ବିଜୁ ଜନତା ଦଳ ଛାଡ଼ି ଅନ୍ୟ ଦଳକୁ ଡ଼ିଆଁ ମାରିଥିବା ପ୍ରାୟ ସମସ୍ତ ନେତାମାନେ ଚିତ୍‌ପତାଙ୍ଗ ମାରିଛନ୍ତି । ଯାହାଫଳରେ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ, ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୋଗୁଁ ଏମାନେ ପୂର୍ବ ନିର୍ବାଚନରେ ଜିତି ଆସୁଥିଲେ ଏବଂ ୨୦୧୯ ନିର୍ବାଚନରେ ସମ୍ପୂର୍ଣ୍ଣ ପରାଜୟ ବରଣ କଲେ ।

ତୃତୀୟରେ ୨୦୧୯ ନିର୍ବାଚନରେ ରଣନୀତି ଥିଲା ସବୁଠାରୁ ସ୍ୱତନ୍ତ୍ର । ଟିକେଟ ବଣ୍ଟାରେ ପରିବର୍ତ୍ତନ କରାଯାଇ ଏଥର ନୂଆ ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯାଇଥିଲା ଏବଂ ଗତ ନିର୍ବାଚନ ଅପେକ୍ଷା ଏହି ନିର୍ବାଚନରେ ମହିଳାଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା । ୩୩ ପ୍ରତିଶତ ମହିଳାଙ୍କୁ ଏଥର ଟିକେଟ ମିଳିଥିଲା । ଯାହାଫଳରେ ବିଜୁ ଜନତା ଦଳ ପୁଣି ଥରେ କ୍ଷମତା ହାସଲ କରି ନୂତନ ମନ୍ତ୍ରୀ ମଣ୍ଡଳ ଗଠନ କରିସାରିଛି । ଏହି ନୂତନ ମନ୍ତ୍ରୀମଣ୍ଡଳରେ ମଧ୍ୟ ଗତ ନିର୍ବାଚନ ଅପେକ୍ଷା ଅଧିକାଂଶ ନୂତନ ପ୍ରାର୍ଥୀମାନଙ୍କୁ ମନ୍ତ୍ରୀପଦ ମିଳିଥିବା ବେଳେ କିଛି ବରିଷ୍ଠ ନେତାମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ଏଥିମଧ୍ୟରେ ମଧ୍ୟ ନୂତନ ଭାବେ କିଛି ମହିଳାଙ୍କୁ ବି ସାମିଲ୍ କରାଯାଇଛି । ସୁଶାନ୍ତ ସିଂ, ଟୁକୁନି ସାହୁ, ନବକିଶୋର ଦାସ, ଜଗନ୍ନାଥ ସାରକା, ଦିବ୍ୟ ଶଙ୍କର ମିଶ୍ର, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରେମାନନ୍ଦ ନାୟକ, ରଘୁନନ୍ଦନ ଦାସ, ପଦ୍ମିନୀ ଦିଆନ ଓ ତୁଷାରକାନ୍ତି ବେହେରା ପ୍ରମୁଖଙ୍କୁ ପ୍ରଥମ ଥର ପାଇଁ ନୂତନ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦେଇ ନବୀନ ପଟ୍ଟନାୟକ ତାଙ୍କର ପରାକାଷ୍ଠାର ପରିଚୟ ଦେଇଛନ୍ତି । ସେହିପରି ବିଜୁ ଜନତଳ ଦଳ ଏହି ନିର୍ବାଚନରେ କେତେକ ସ୍ଥାନରେ ପିତାଙ୍କ ବଦଳରେ ପୁତ୍ରଙ୍କୁ ଟିକେଟ ମିଳିଥିଲା ସେମାନଙ୍କ ମଧ୍ୟରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁତ୍ର ବିଷ୍ଣୁପଦ ରାଉତରାୟ । ବାଙ୍କିରୁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀ । ସେ ହେଉଛନ୍ତି ସେହିପରି ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୁତ୍ର ସୌଭିକ ବିଶ୍ୱାଳ । ସାଲେପୁର ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ଧର୍ମାନନ୍ଦ ବେହେରାଙ୍କ ପୁତ୍ର ପ୍ରଶାନ୍ତ ବେହେରା । ପାରଦ୍ୱୀପରୁ ବରିଷ୍ଠ ରାଜନେତା ଦାମୋଦର ରାଉତଙ୍କ ପୁତ୍ର ଶ୍ରୀମାନ ସମ୍ବିତ ରାଉତରାୟ । ଏମାନେ ସମସ୍ତେ ମଧ୍ୟ ବିଜୟୀ ହୋଇଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିକଳ୍ପ କେହି ନାହାଁନ୍ତି । ତେଣୁ ନବୀନ ବାବୁ ବଞ୍ଚିଥିବା ପର୍ଯ୍ୟନ୍ତ ଓଡ଼ିଶାରେ ବିଜୁ ଜନତା ଦଳ ଜିତୁଥିବ ହିଁ ଜିତୁଥିବ ।

*କର୍ଣ୍ଣି, ବାହାରଣା, ବାଲିକୁଦା, ଜଗତସିଂହପୁର*

# ରାଜନୀତିରେ ଧର୍ମର ସମିଶ୍ରଣ ଶୁଭଙ୍କର ନୁହେଁ

**ଗୋପାଳ ମହାପାତ୍ର**

ସୃଷ୍ଟିର ସର୍ଜନାର ସମୟ କେହି କହିପାରିବେ ନାହିଁ । କିନ୍ତୁ ଆଦିକାଳରୁ ମନୁଷ୍ୟର ଧାରଣା ରହିଛି ଯେ କେହି ନା କେହି ସୃଷ୍ଟିର ରଚୟିତା ନିଶ୍ଚୟ ଅଛି । ସୃଷ୍ଟିର ସେହି ରଚୟିତାଙ୍କୁ ବିଭିନ୍ନ ଧର୍ମାବଲମ୍ବୀ ଲୋକେ ଭିନ୍ନ ଭିନ୍ନ ନାମରେ ଡ଼ାକି (ପୂଜାର୍ଚ୍ଚନା) କରି ଆସୁଛନ୍ତି । ହିନ୍ଦୁ ବା ସନାତନ ଧର୍ମାବଲମ୍ବୀମାନେ ଏହି ରଚୟିତାଙ୍କୁ ରାମ ଭାବେ ମାନି ନେଇଥିବାବେଳେ ଇସଲାମ ଧର୍ମାବଲମ୍ବୀମାନେ ଏହାଙ୍କୁ ଆଲ୍ଲା ବା ଖୁଦା ଭାବେ ମାନୁଛନ୍ତି । ଶିଖ ଧର୍ମାବଲମ୍ବୀ ଏହି ରଚୟିତା ବା ସୃଷ୍ଟି ସର୍ଜନାକାରୀଙ୍କୁ ବାହିଗୁରୁ ନାମ ଦେଇଥିବାବେଳେ ଖ୍ରୀଷ୍ଟିଆନମାନେ ଯୀଶୁ ବୋଲି ଗ୍ରହଣ କରିନେଇଛନ୍ତି । ଯଦିଓ ସୃଷ୍ଟିର ରଚୟିତା ଜଣେ, ହେଲେ ବିଭିନ୍ନ ଧର୍ମର ଲୋକେ ତାଙ୍କୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ଓ ନାମରେ ମାନି ନେଇଛନ୍ତି । ହିନ୍ଦୁ ସଂସ୍କୃତି ଓ ସନାତନ ଧର୍ମକୁ ମାନୁଥିବା ଲୋକଙ୍କର ବିଶ୍ୱାସ ରହିଛି ଏହି ସୃଷ୍ଟିର ରଚୟିତା ପରମେଶ୍ୱର ବା ଈଶ୍ୱର ପୃଥିବୀରେ ଭିନ୍ନ ଭିନ୍ନ ଅବତାରରେ ଅବତରିତ ହୋଇଛନ୍ତି । ଇସଲାମ ଧର୍ମୀମାନେ ଏହି ଅବତାର କଥାକୁ ଗ୍ରହଣ କରୁନାହାଁନ୍ତି ଏବଂ ଆଲ୍ଲା ବା ଖୁଦାଙ୍କ ସମତୁଲ୍ୟ ଆଉ କାହାରିକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ସେମାନେ ପୈଗମ୍ବରଙ୍କୁ ଆଲ୍ଲାଙ୍କ ଦୂତ ବୋଲି ଗ୍ରହଣ କରିଛନ୍ତି । ହିନ୍ଦୁମାନେ ରାମ ଏବଂ କୃଷ୍ଣଙ୍କୁ ଈଶ୍ୱରଙ୍କ ଅବତାର ଭାବେ ମାନିନେଇଛନ୍ତି ଓ ଈଶ୍ୱର ବା ଭଗବାନଙ୍କ ସଂଜ୍ଞା ଦେଇ ପୂଜାର୍ଚ୍ଚନା କରୁଛନ୍ତି । ଅନ୍ୟପକ୍ଷରେ ଇସଲାମ ସଂପ୍ରଦାୟ ମହମ୍ମଦଙ୍କୁ ପୈଗମ୍ବର କହି ଖୁଦା ବା ଆଲ୍ଲାଙ୍କ ଦୂତ ଭାବେ ଗ୍ରହଣ କରିଛନ୍ତି ।

ଯୋଗ ବାଶିଷ୍ଠ ରାମାୟଣରେ ରାମ ଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି :

ରମନ୍ତେ ଯୋଗୀନୋ ଯତ୍ର,
ସତ୍ୟାନନ୍ଦେ ଚିଦାତ୍ମକେ ।
ଇତି ରାମ ପଦେ ନା ସୌ,
ପରବ୍ରହ୍ମ ଭିଧିୟତେ ।

ଯୋଗ ବାଶିଷ୍ଠ ରାମାୟଣ ଅନୁସାରେ (ଉପରୋକ୍ତ ଶ୍ଳୋକରେ) ରାମ କଣ କଣ ରେ ବିଦ୍ୟମାନ ବୋଲି କୁହାଯାଇଛି । କିନ୍ତୁ ଭାରତବର୍ଷର ମହାରାଜା ଦଶରଥଙ୍କ ପୁତ୍ର ରାମଙ୍କୁ ଲୋକେ ଈଶ୍ୱରଙ୍କ ଅବତାର ଭାବେ ଗ୍ରହଣ କରିଛନ୍ତି । ଇତିହାସ ହେଉଛି ସାକ୍ଷୀ ଯେ ରାମ ଏବଂ ଖୁଦାଙ୍କ ନାମରେ ବହୁକାଳରୁ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ କେତେ ସଂଘର୍ଷ ଘଟିଛି ଏବଂ ସିଂହାସନ ବା ଶାସନ ଗାଦି ପାଇଁ ଯୁଦ୍ଧରେ କେତେ ଲୋକ ମରିଛନ୍ତି । କିନ୍ତୁ କଥା ହେଉଛି ଯୁଦ୍ଧରେ ଯେତିକି ଲୋକଙ୍କର ମୃତ୍ୟୁ ହୋଇଛି ତାଠାରୁ ଢ଼େର୍ ଅଧିକ ଲୋକ ଧାର୍ମୀକ ସଂଘର୍ଷରେ ମରିଛନ୍ତି । ଏ ଦୃଷ୍ଟିରୁ ଏବେ ଏହି ଧାର୍ମିକ ସଂଘର୍ଷ ନହେବା ପାଇଁ ଆମକୁ ଏକ ସର୍ବସମ୍ମତ ଉପାୟ ବାହାର କରିବାକୁ ହେବ ଓ ଏହା ଜରୁରୀ ଅଟେ । ପାଞ୍ଚ - ଛଅ ଶହ ବର୍ଷ ପୂର୍ବେ ଏହି ଭାରତବର୍ଷରେ କବୀର ଏବଂ ଗୁରୁନାନକ ଙ୍କ ଭଳି ମହାପୁରୁଷଙ୍କ ଆର୍ବିଭାବ (ଜନ୍ମ) ହୋଇଥିଲା । କବୀର ଓ ଗୁରୁନାନକ ରାମ ଓ ଖୁଦାଙ୍କୁ ଏକ ବୋଲି ଦର୍ଶାଇ ଦୁଇ ସଂପ୍ରଦାୟଙ୍କୁ ଧାର୍ମିକ ସଂଘର୍ଷରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ଦୁର୍ଭାଗ୍ୟ ଯେ କବୀର ଓ ଗୁରୁନାନକଙ୍କ ପରାମର୍ଶ କୁ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ଗ୍ରହଣ କଲେ ନାହିଁ । ଗୁରୁ ନାନକ କହିଥିଲେ ଯେ ଭଗବାନ ମାତ୍ର ଜଣେ, ଦୁଇଜଣ ଭଗବାନ ନାହାଁନ୍ତି । ରାମ-ରହୀମ୍ ଏକ ବୋଲି କହି ନାନକ ଉଭୟ ସଂପ୍ରଦାୟଙ୍କୁ ଧାର୍ମିକ ସଂଘର୍ଷରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । ଗୁରୁ ନାନକ କହିଥିଲେ "କୋଇ ବେଲେ ରାମ-ରାମ, କୋଇ ଖୁଦାଏ" ।

**କୋଇ ସେବୈ ଗୋସାଈଁୟାଁ**
**କୋଇ ଅଲ୍ଲାଏ ।**

ରାମ ଏବଂ ରହୀମଙ୍କ ଝଗଡ଼ା ତ ବହୁଦିନରୁ ଚାଲି ଆସିଛି କିନ୍ତୁ ବର୍ତ୍ତମାନ ଭାରତବର୍ଷର ରାଜନୀତିରେ ବିଜେପି ରାମଙ୍କୁ ନେଇ ଏକ ନୂଆ ସମସ୍ୟା ସୃଷ୍ଟି କରିଦେଇଛି । ବିଜେପି ଏବେ "ଜୟ ଶ୍ରୀରାମ" ର ଉଦ୍‌ଘୋଷକୁ ଧାର୍ମିକ ଚିନ୍ତା ଚେତନା ବଦଳରେ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବାରେ ଲାଗିଛି ଏବଂ ଏଥିରୁ ଯଥାସମ୍ଭବ ଲାଭ ଉଠାଇ ଚାଲିଛି । ବାସ୍ତବରେ ବିଜେପି "ଜୟ ଶ୍ରୀରାମ" ଉଦ୍‌ଘୋଷ ଉପରେ ଏକାଧିପତ୍ୟ ଜାହିର କରିବା ସହିତ ଏହି ଧ୍ୱନୀ ଦେଇ ବିରୋଧିଙ୍କୁ ଏକ ପ୍ରକାର ତାସ୍ଛଲ୍ୟ କରିବା ଆରମ୍ଭ କରିଦେଇଛି । ଭବସାଗରରୁ ମନୁଷ୍ୟଙ୍କୁ ପାର କରିବାବାଲା ଭଗବାନ ଶ୍ରୀରାମଙ୍କ ନାଁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନିର୍ବାଚନୀ ଅସ୍ତ୍ର ପାଲଟିଯିବ ବୋଲି କେହି କେବେ କଳ୍ପନା କରିନଥିଲେ । ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନରେ ବିଜେପି ଏହି "ଜୟ ଶ୍ରୀରାମ" କୁ ବ୍ରହ୍ମାସ୍ତ୍ର ଭାବେ ସଫଳତାର ସହିତ ବ୍ୟବହାର କରିଛି । ମମତା ବାନାର୍ଜୀଙ୍କ ହସ୍ତମୁଦି ମାହାଲ ଭାବେ ପରିଚିତ ପଶ୍ଚିମବଂଗରୁ ବିଜେପି ୧୮ଟି ଲୋକସଭା ଆସନ ହାତେଇପାରିଛି । "ଜୟ ଶ୍ରୀରାମ" ଧ୍ୱନୀ କୁ ନେଇ ଏବେ ବିଜେପି ଓ ମମତାଙ୍କ ତୃଣମୂଳ କଂଗ୍ରେସ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଛନ୍ତି । ମମତାଙ୍କ ଅଭିଯୋଗ ହେଉଛି ରାଜନୈତିକ ଫାଇଦା ପାଇଁ ବିଜେପି ଧର୍ମୀୟ ଭାବନାକୁ ବ୍ୟବହାର କରୁଛି । ଅନ୍ୟପକ୍ଷରେ ମମତାଙ୍କୁ ଚିଡ଼ାଇବା ପାଇଁ ବିଜେପି ଘୋଷଣା କରିଛି ଯେ "ଜୟ ଶ୍ରୀରାମ" ଲେଖିଥିବା ୧୦ଲକ୍ଷ ପୋଷ୍ଟକାର୍ଡ ବିଜେପିର କାର୍ଯ୍ୟକର୍ତ୍ତାମାନେ ମମତାଙ୍କ ପାଖକୁ ପଠାଇବେ । ପାଲଟା ଜବାବ ଦେଇ ମମତା କହିଛନ୍ତି ଯେ "ଜୟ ବଙ୍ଗଳା ଓ ବନ୍ଦେ ମାତରମ" ଲେଖାଥିବା ୨୦ଲକ୍ଷ ପୋଷ୍ଟକାର୍ଡ ତୃଣମୂଳ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବେ । ଉଭୟ ଗୋଷ୍ଠୀ ଏବେ ପୋଷ୍ଟକାର୍ଡ ପଠାଇବା ଆରମ୍ଭ ମଧ୍ୟ କରିଦେଲେଣି । ଏବେ ପୋଷ୍ଟ କାର୍ଡ ପ୍ରସଙ୍ଗକୁ ନେଇ ପଶ୍ଚିମ ବଂଗରେ ଅସାନ୍ତି ସୃଷ୍ଟି ହୋଇଛି । ଅନେକ ମୃତାହତ ହୋଇଥିବାବେଳେ କିଛି ଲୋକ ମଧ୍ୟ ଗୋଷ୍ଠୀ ସଂଘର୍ଷ ପାଇଁ ଗିରଫ ହେଲେଣି । ଏହା ଆହୁରି ବଢ଼ିବ ବୋଲି ମଧ୍ୟ ଆଶଙ୍କା ରହିଛି ।

ଏହାକୁ ବିଡମ୍ବନା କୁହାଯାଇପାରେ ଯେ ଭାରତ ବର୍ଷରେ ହିନ୍ଦୁମାନଙ୍କ ମଧ୍ୟରେ "ଜୟ ଶ୍ରୀରାମ" କୁ ନେଇ ଲଢ଼େଇ ଆରମ୍ଭ ହୋଇଯାଇଛି । ବାସ୍ତବରେ ଶାସ୍ତ୍ର ଅନୁସାରେ ଯେଉଁ ରାମଙ୍କ ନାମ ଧରିଲେ ମନୁଷ୍ୟ ମୋକ୍ଷ ପ୍ରାପ୍ତି ହୋଇଥାଏ ସେଇ ନାମ ଆଜି ରାଜନୈତିକ ପ୍ରତିଦ୍ୱନ୍ଦିତାର ଆଖଡ଼ା ପାଲଟି ଯାଇଛି । ଏସବୁ ହେବ ବୋଲି ୬୦୦ବର୍ଷ ପୂର୍ବେ ବୋଧହୁଏ କବୀର ଜାଣିଥିଲେ । ତେଣୁ ୬୦୦ ବର୍ଷ ପୂର୍ବେ ରାମ ନାମ ନେଉଥିବା ଲୋକଙ୍କୁ ସାମଧାନ କରାଇବା ଉଦ୍ଦେଶ୍ୟରେ ଲେଖିଥିଲେ –

**ମାଥେ ତିଲକେ ହଥ ମାଲା ବନା ।**
**ଲୋଗନ ରାମ ଖିଲେନା ଜାନା ।।**

ଅର୍ଥାତ୍ ବାହ୍ୟ ଆଡମ୍ବର କରି ଲୋକେ ଯଦି ରାମଙ୍କୁ ପାଇବାକୁ □ହାଁନ୍ତି ତେବେ ମାନିନେବାକୁ ପଡ଼ିବ ଯେ ସେମାନେ ରାମଙ୍କୁ ଖେଳନା ବୋଲି ଭାବି ନେଉଛନ୍ତି । ଏକଥା ଏବେ ଚିନ୍ତା କରିବାକୁ ହେବ ଯେ ରାମଙ୍କ ଉପରେ ଏକ ନିର୍ଦ୍ଦିଷ୍ଟ ଦଳର ଏକାଧିପତ୍ୟ ପଛରେ କ'ଣ କାରଣ ରହିଛି ? ଏଇ ପୃଷ୍ଠଭୂମିରେ ତୃଣମୂଳ କଂଗ୍ରେସର ସମର୍ଥକ ଅଭିନେତ୍ରୀ ମୁନ୍‌ମୁନ୍ ସେନଙ୍କ ବୟାନକୁ ବିଚାରକୁ ନିଆଯାଇପାରେ । ମୁନ୍‌ମୁନ୍ ସେନ ମମତା ବାନାର୍ଜୀଙ୍କୁ ପରାମର୍ଶ ଦେଇ କହିଥିଲେ ଯେ "ଜୟ ଶ୍ରୀରାମ" ଧ୍ୱନୀକୁ ନେଇ ବିଜେପି ସହ ଝଗଡ଼ା କରିବା ଉଚିତ୍ ନୁହେଁ । କାରଣ ଯେତିକି ଯେତିକି ଝଗଡ଼ା ବଢ଼ିବ ବିଜେପି ସେତିକି ସେତିକ ଫାଇଦା ଉଠାଇବ । କାରଣ ହେଉଛି ଭାରତବର୍ଷର ଜନତାଙ୍କ ମନରେ ରାମଙ୍କ ପ୍ରତି ଅଦ୍‌ଭୁତ ଶ୍ରଦ୍ଧାଭାବ ରହିଛି । ଯଦି ମୁନ୍‌ମୁନ୍ ସେନ "ଜୟ ଶ୍ରୀରାମ" ଧ୍ୱନୀକୁ ବିରୋଧ ନକରିବା ପାଇଁ ମମତାଙ୍କୁ ପରାମର୍ଶ ଦେଇପାରିଲେ ତେବେ ବିଜେପିର କେହି ନେତା ଦଳର ମୁଖ୍ୟଙ୍କୁ ରାମ ନାମ ଭଳି ପବିତ୍ର ଶବ୍ଦକୁ ନିର୍ବାଚନୀ ଲାଭ ପାଇଁ ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଉନାହାଁନ୍ତି କାହିଁକି ? ବାସ୍ତବରେ ରାଜନୀତିରେ ଧର୍ମରେ ସମିଶ୍ରଣ ଶୁଭଙ୍କର ନୁହେଁ କାରଣ ଧର୍ମ ଆତ୍ମାକୁ ସୁଖ ଦେଇଥାଏ କିନ୍ତୁ ରାଜନୀତି ଗାଦି ତଥା ଶାରରୀକ ସୁଖ-ସୁବିଧା ପାଇଁ ମାଧ୍ୟମ ଅଟେ । ଦେଶର ଜନସାଧାରଣ, ବୁଦ୍ଧିଜୀବି ଏ ସମ୍ପର୍କରେ ଗଭୀର ଭାବେ ଚିନ୍ତା କରିବା ସହ ଦେଶରେ ବିଶେଷ କରି ରାଜନୀତିର ଏଇ ବିଚିତ୍ର ସ୍ଥିତି କୁ ସୁଧାରିବା ପାଇଁ ଯଥାଯଥ ପଦକ୍ଷେପ ନେବା ଓ ରାସ୍ତା ଖୋଜିବା ଆବଶ୍ୟକ ।

*ରାମଚନ୍ଦ୍ରପୁର*
*ରଣପୁର*



## ପ୍ରାତଃ ଭ୍ରମଣର ନିୟମ

ପ୍ରାତଃ ଭ୍ରମଣ ଦ୍ୱାରା ଅସ୍ଥି ଶକ୍ତିଶାଳୀ ହୁଏ। ଚାଲିବା ଦ୍ୱାରା କେବଳ ଶାରୀରିକ ନୁହେଁ ମାନସିକ କ୍ଷମତା ମଧ୍ୟ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ଚିନ୍ତା ଦୂର ହୋଇଥାଏ।

ଅତିକମ୍‌ରେ ପ୍ରତିଦିନ ୩ କିଲୋମିଟର ଏବଂ ସପ୍ତାହକୁ ୫ ଦିନ ଚାଲନ୍ତୁ। ଆରାମଦାୟକ ଜୋତା ପିନ୍ଧନ୍ତୁ ଯେପରି ଚାଲିବା ସମୟରେ କଷ୍ଟ ଅନୁଭବ ନ ହୁଏ।

ପ୍ରାତଃ ଭ୍ରମଣ ପାଇଁ ଶାନ୍ତ ବାତାବରଣ ଓ ପ୍ରାକୃତିକ ଶୋଭନୀୟ ସ୍ଥାନକୁ ଯାଆନ୍ତୁ।

ପ୍ରାତଃ ଭ୍ରମଣ ସମୟରେ ଜୋର୍ ଶ୍ୱାସ ନେଇ ଧୀରେ ଧୀରେ ଛାଡନ୍ତୁ। ଏହା ମନରେ ଶୁଦ୍ଧ ଚିନ୍ତା ଆଣିବ। ଶରୀରର ତାପମାତ୍ରା ସାମାନ୍ୟ ରହିବା ହେତୁ ପ୍ରଚୁର ପାଣି ଆବଶ୍ୟକ ଏଥିପାଇଁ ଭ୍ରମଣ ପୂର୍ବରୁ ଏକ ଗ୍ଲାସ୍ ପାଣି ପିଅନ୍ତୁ।

ଚାଲିବା ସମୟରେ କୌଣସି ମାନସିକ ଅବସାଦ ରଖନ୍ତୁନାହିଁ।

ଭ୍ରମଣବେଳେ ହାତ ତଳକୁ ରଖନ୍ତୁ ବାରମ୍ବାର ହଲାନ୍ତୁ। ଏହାଦ୍ୱାରା ଫୁର୍ତ୍ତି ଲାଗିବ।

ହୃଦ୍‌ରୋଗ ରକ୍ତଚାପ ଆଦି ରୋଗ ଥିଲେ ଭ୍ରମଣ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ଭ୍ରମଣ ଆରମ୍ଭରେ ଓ ଶେଷରେ ଚାଲିବାର ଗତି ଧୀର ରଖନ୍ତୁ। ଭ୍ରମଣ ପରେ ଭୋଜନରେ ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ।

## ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ



ଦ୍ୱାଦଶ ଜ୍ୟୋତିର୍ଲିଙ୍କ ମାହାତ୍ମ୍ୟ ଶିବ ପୁରାଣରେ ବର୍ଣ୍ଣିତ। 'ଜ୍ୟୋତି' ଅର୍ଥ ଆଲୋକ ଏବଂ 'ଲିଙ୍ଗ' ର ପ୍ରତୀକ ଶିବ। ଭାରତରେ ଚଉଷଠି ଜ୍ୟୋତିର୍ଲିଙ୍ଗ ପୂଜା ପାଉଥିବା ବିଶ୍ୱାସ କରାଯାଏ। ସେଗୁଡିକ ମଧ୍ୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଅତ୍ୟନ୍ତ ଶୁଭ ଓ ମଙ୍ଗଳସୂଚକ ଭାବେ ବିଦିତ। ସ୍ୱୟଂ ଭୋଳାନାଥ ମାହାଦେବ ବାରଟି ସ୍ଥାନରେ ଜ୍ୟୋତିର୍ଲିଙ୍ଗ ରୂପରେ ବିରାଜମାନ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ସର୍ବପାପ ମୋଚନ ହେଉଥିବା ଭକ୍ତଙ୍କ ବିଶ୍ୱାସ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ହେଲେ.

- ଗୁଜୁରାଟ୍‌ର ସୌରାଷ୍ଟ୍ରରେ ଥିବା ଶ୍ରୀ ସୋମନାଥ
- ଆନ୍ଧ୍ରପ୍ରଦେଶରେ ଶ୍ରୀଶୈଳପର୍ବତରେ ଶ୍ରୀ ମଲ୍ଲିକାର୍ଜୁନ
- ମଧ୍ୟପ୍ରଦେଶର ଉଜ୍ଜିନରେ ଶ୍ରୀ ମହାକାଳେଶ୍ୱର
- ମଧ୍ୟପ୍ରଦେଶରେ ନର୍ମଦା ନଦୀତଟରେ ଶ୍ରୀ ଓଁକାରେଶ୍ୱର
- ଉତ୍ତରାଖଣ୍ଡ୍‌ର ହିମାଳୟରେ ଶ୍ରୀ କେଦାରେଶ୍ୱର
- ଗୌହଟୀର ଭୀମପୁର ପର୍ବତରେ ଶ୍ରୀ ଭୀମଶଙ୍କର
- ଉତ୍ତରପ୍ରଦେଶ ବାରଣାସୀର ଶ୍ରୀ କାଶୀବିଶ୍ୱନାଥ
- ମହାରାଷ୍ଟ୍ର ନାସିକ୍‌ସ୍ଥିତ ଗୋଦାବରୀ ତଟରେ ଶ୍ରୀ ତ୍ର୍ୟମ୍ବକେଶ୍ୱର
- ଝାରଖଣ୍ଡ୍ ଦେଓଘରଠାରେ ଥିବା ଶ୍ରୀ ବୈଦ୍ୟନାଥ
- ଗୁଜୁରାଟର ଦ୍ୱାରକାଠାରେ ଶ୍ରୀ ନାଗେଶ୍ୱର
- ତମିଳନାଡୁର ରାମେଶ୍ୱରମ୍‌ଠାରେ ଶ୍ରୀ ରାମେଶ୍ୱର
- ମହାରାଷ୍ଟ୍ର ଔରଙ୍ଗାବାଦ ନିକଟରେ ଶ୍ରୀ ଘୃଷ୍ଣେଶ୍ୱର।

# ସବୁଜ ପନିପରିବା ମେଡିସିନ ଠାରୁ ବି ଉପକାରୀ



ଦୀର୍ଘ ନିରାମୟ ଜୀବନର ସ୍ୱପ୍ନ କିଏ ନ ଦେଖେ? ଆପଣ ବି ନିଶ୍ଚୟ ଚାହୁଁଥିବେ ରୋଗ ଆପଣଙ୍କୁ କେବେ ଛୁଇଁ ନ ପାରୁ। ରୋଗ ବି ଆପଣଙ୍କ ପାଖ ମାଡିବାକୁ ଟିକେ ଭୟ କରିବ ଯଦି ଆପଣ ଖାଦ୍ୟରେ କଞ୍ଚା ପନିପରିବା ଓ ଫଳ ସାମିଲ କରିନେବେ। କଞ୍ଚା ପନିପରିବା ଓ ଫଳ ଔଷଧ ଠାରୁ ଢେର୍ ଭଲ। ଏହା ଖାଦ୍ୟକୁ ଠିକ୍ ଭାବରେ ହଜମ ହେବାକୁ ଦିଏ।

ଫଳ ଓ ଗ୍ରୀନ୍ ସାଲାଡ୍‌ରେ ଖାଦ୍ୟତନ୍ତୁ ଅଧିକ ଥିବାରୁ ଏହା ହଜମ ପ୍ରକ୍ରିୟାକୁ ସହଜ କରେ। ତେଣୁ ଯଦି ଆପଣଙ୍କର ପିଜା ଖାଇବାର ଅଛି ତା'ହେଲେ ପ୍ରଥମେ କିଛି ସାଲାଡ୍ ଖାଇନିଅନ୍ତୁ। ଆଇସ୍‌କ୍ରିମ୍ ଖାଇବାର ଥିଲେ ପ୍ରଥମେ ସେଓଟିଏ ଖାଇ ନିଅନ୍ତୁ। ଏଥିରେ ଥିବା ଖାଦ୍ୟତନ୍ତୁ ପେଟରେ ଭରିଯିବ ଓ କମ୍ ଖାଇବାରେ ମଧ୍ୟ ପେଟ ପୂରିଯିବ। ଖାଦ୍ୟ ତନ୍ତୁ ଯୋଗୁଁ ଖାଦ୍ୟ ମଧ୍ୟ ଶୀଘ୍ର ହଜମ ହୁଏ। ଗୋଟିଏ ମିଲ୍‌ରେ ଗୋଟିଏ କଞ୍ଚା ଫଳ ବା ପରିବା ସାମିଲ କରିନେବା ଉଚିତ୍। ଏ ସବୁଥିରେ ଅନେକ ପରିମାଣର ଭିଟାମିନ୍ ଓ ମିନେରାଲସ୍ ଥାଏ। ତେଣୁ ଔଷଧ ଦୋକାନରୁ ଭିଟାମିନ୍ ଓ ମିନେରାଲ୍ ଟାବଲେଟ୍ ନ କିଣି କଞ୍ଚା ଫଳ ଓ ପନିପରିବା ଖାଆନ୍ତୁ। ଭିଟାମିନ୍ ଓ ମିନେରାଲ୍ ଟାବ୍‌ଲେଟ ଦ୍ୱାରା ଶରୀରର ଆବଶ୍ୟକତା ପୂରଣ ହୋଇଯାଏ, ମାତ୍ର ଏହାର ଖରାପ ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡେ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ପାଇଁ ଫଳ ଓ କଞ୍ଚା ପରିବା ଅଧିକ ଜରୁରୀ। ଏହା ଖାଇବା ଦ୍ୱରା ବିଭିନ୍ନ ରୋଗ ସମସ୍ୟାକୁ ଦୂର କରିବା ସହ ଡାଇବେଟିସ୍‌ର ଆଶଙ୍କାକୁ ମଧ୍ୟ କମ୍ କରେ। ଏହାଛଡ଼ା ବୟସ ବଢିବା ସହ ଆପଣ ଯେତେ ଫଳ ଓ କଞ୍ଚା ପନିପରିବା ଖାଦ୍ୟରେ ସାମିଲ କରିପାରିବେ ସେତେ ଭଲ। କାରଣ ଏଥିରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ। ଯାହାକି ରକ୍ତଚାପକୁ ଦୂରେଇ ପାରେ। ଏହାଛଡ଼ା ଏଥିରେ କ୍ୟାଲୋରି ପରିମାଣ ମଧ୍ୟ କମ୍ ଥାଏ। ଫଳରେ ମେଦବୃଦ୍ଧି ଓ କୋଲେଷ୍ଟ୍ରଲ୍ ବୃଦ୍ଧିର ଆଶଙ୍କା ମଧ୍ୟ କମ୍ ହୋଇଯାଏ।



# ଆଖିର କ୍ଳାନ୍ତି ଦୂର କରିବାର ଉପାୟ



*ଆଖି ପତାକୁ ଦୁଇ ପାପୁଲିରେ ଚାପି ରଖନ୍ତୁ । ଧିରେ ଧିରେ ଘଷନ୍ତୁ, ଯେ ପରି ଉଷୁମ ଲାଗିବ । ଅଧିକ ସମୟ ଏକ ଲୟରେ ନ ଚାହିଁ ପାଞ୍ଚ-ଦଶ ସେକେଣ୍ଡରେ ଥରେ ଆଖି ପତା ପକାନ୍ତୁ । ଏହା ଦ୍ୱାରା ଆଖି ଶୁଷ୍କତାରୁ ରକ୍ଷା ପାଏ ଓ ଆରାମ୍ ଲାଗେ । ଅଧ ଘଣ୍ଟା ଅନ୍ତରରେ କିଛି ମିନିଟ୍ ପାଇଁ କମ୍ପ୍ୟୁଟର ସ୍କ୍ରିନ୍ ଉପରୁ ନଜର ହଟାନ୍ତୁ । ଆଖି ଠାରୁ ଅତି କମ୍‌ରେ ୬୦ସେମି ଦୂରତାରେ କମ୍ପ୍ୟୁଟର ରଖି ବ୍ୟବହାର କରନ୍ତୁ । ସ୍କ୍ରିନକୁ ସାମାନ୍ୟ ତଳକୁ ରଖନ୍ତୁ । ଏହା ଦ୍ୱାରା ଆଖି ଉପରେ କମ୍ପ୍ୟୁଟରରୁ ନିର୍ଗତ ଆଲୋକ ପଡ଼ିବ ନାହିଁ । ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରେ ଅଧିକ ସମୟ ବିତାଇବା ଦ୍ୱାରା ଆଖି ଯନ୍ତ୍ରଣା ବଢ଼େ । ଏଥି ପ୍ରତି ସତର୍କ ରହନ୍ତୁ । ବାୟୁ ଚଳାଚଳ, ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନ ବଗିଚାରେ କିଛି ସମୟ ବୁଲନ୍ତୁ । ଅଧିକ ପାଣି ପିଅନ୍ତୁ । କମ୍ପ୍ୟୁଟର ସ୍କ୍ରିନ୍‌ରେ ଆଲୋକ ପ୍ରତିଫଳନ ବିରୋଧୀ କାଚ ଲଗାନ୍ତୁ ।*

# ଡାଇନିଂ ରୁମ୍ ଡିଜାଇନ୍

ଏକ ଗୃହର ମୁଖ୍ୟ ଆକର୍ଷଣ ହେଉଛି ଡାଇନିଂ ରୁମ୍ । ଏହା ଗୃହର ସୌନ୍ଦର୍ଯ୍ୟକୁ ବଢାଇଥାଏ । ସେଥିପାଇଁ ଏକ ଘର କରିବା ପୂର୍ବରୁ ଡାଇନିଂ ରୁମ୍‌ରେ ଡିଜାଇନ୍ ଉପରେ ବିଶେଷ ଧ୍ୟାନ ଦେଲେ ଘରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବା ସହ ଘରର ପରିସର ମଧ୍ୟ ବେଶ୍ ଆନନ୍ଦମୟ ହୋଇଥାଏ । ଡାଇନିଂ ରୁମର ଛାତ ରଙ୍ଗ ଧଳା ଆଉ କାନ୍ଥର ରଙ୍ଗ ଲାଇଟ୍ ପିଙ୍କ୍ କରନ୍ତୁ । ଅଧିକ ଗାଢ ରଙ୍ଗ ଡାଇନିଂ ରୁମ୍‌ରେ ଆଦୌ ବ୍ୟବହାର କରନ୍ତୁ ନାହିଁ । ଟେବୁଲ୍ କ୍ଲଥ, ସ୍କ୍ରିନ୍ ଗଦିକଭର ରଙ୍ଗ ଆଦି ଲାଇଟ୍ କଲର ହେବା ସହିତ କମ୍ ଓଜନର ବାଛନ୍ତୁ । ଏଥିରେ ରୁମ୍‌ରେ ବାତାବରଣ ଆରାମଦାୟକ ହୋଇଥାଏ । ପୂର୍ବ ଦିଗରେ ଡାଇନିଂ ହଲ୍ କଲେ ଖୁବ୍ ଭଲ । ଦକ୍ଷିଣ ଦିଗକୁ ଥିବା ଡାଇନିଂ ରୁମ୍ ବାସ୍ତୁ ଦୃଷ୍ଟିରୁ ଅନୁପଯୁକ୍ତ । ଡାଇନିଂ ଟେବୁଲକୁ ଚାରିକୋଣିଆ ବା ଆୟତକାର କରନ୍ତୁ । ଡାଇନିଂ ରୁମରେ ମୁହଁ ହାତ ଧୋଇବା ପାଇଁ ୱାସ୍ ବେସିନ୍ ପୂର୍ବ ଦିଗରେ କିମ୍ବା ଉତ୍ତର ପୂର୍ବରେ ରଖନ୍ତୁ । ଡାଇନିଂ ରୁମ୍ ସହିତ ଟଏଲେଟ୍ ଯେମିତି ମିଶିକି ନରୁହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।



# ରକ୍ତଶୋଷୀ ପୋକ



ଆପଣମାନେ ଏମିତି ଜୀବର ନାମ ଶୁଣିଛନ୍ତିକି, ଯିଏ ଦେଖିବା ସହିତ ଶୁଣି ମଧ୍ୟ ପାରେନି । ଏହି ଜୀବର ନାମ ହେଉଛି ଇଂଜିକ୍ୟୁଲ। ଏହି ଜୀବର ତ୍ୱଚା ଆଲୋକ ପ୍ରତି ସଂବେଦନଶୀଳ। ଏହାରି ସାହାରାରେ ସେ ତାର ଲକ୍ଷ୍ୟ ସ୍ଥଳରେ ପହଁଚିପାରେ ଓ ଶିକାର ଆସିବାକୁ ଅପେକ୍ଷା କରିଥାଏ। ଏହି ଅନ୍ଧ ଓ କାଲ ଜୀବଟିକୁ ତାର ଘ୍ରାଣ ଶକ୍ତିରୁ ଶିକାରର ପତ୍ତା ଜଣାଯାଏ। ବ୍ୟୁଟିରକ୍ ଏସିଡ୍‌ର ମହକ ସବୁ ସ୍ତନ୍ୟପାୟୀ ଜୀବଙ୍କର ତ୍ୱଚା ସ୍ଥିତ ବସା ଗ୍ରନ୍ଥିରେ ( ସେବେସିୟସ୍ ଗ୍ଲାଣ୍ଡ୍‌ସ୍) ରୁ ବାହାରିଥାଏ। ଏହା ଉକ୍ତ ପୋକ ପାଇଁ ସଂକେତର କାମ କରିଥାଏ। ବାସନା ପାଇଲେ ଏହା ଆଗା ପିଛା କିଛି ନଦେଖି ଶିକାର ଉପରକୁ ଝାମ୍ପ ଦିଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛିକି ସେ କୌଣସି ଗରମଯୁକ୍ତ ଜିନିଷ ଉପରେ ପଡ଼େତ ଭାବେଯେ ତାହା ତାର ଗରମ ରକ୍ତବାଲା ଶିକାର ଅଟେ। ସୂଚନାଯୋଗ୍ୟ କି ତାକୁ ଗରମ ଜିନିଷର ପତ୍ତା ତାର ଏକ ବିଶେଷ ଅଂଗରୁ ଜଣାଯାଏ, ଯାହାକି ଏକ ଖାସ୍ ତାପମାତ୍ରା ପ୍ରତି ସଂବେଦନଶୀଳ। ଏହା ଧିରେ ଧିରେ ଗରମ ରକ୍ତକୁ ଶୋଷିଥାଏ।

ବାଡ଼ିରେ ବୁଲୁଥିବାବେଳେ ନିଶ୍ଚିତ ଭାବେ ଏହି ଛୋଟିଆ କୀଟଟିକୁ ଦେଖିଥିବେ। ଯାହାକି କୌଣସି ଗଛ ଲଟା ଭିତରେ ଚାଲୁଥିବାର ଦେଖାଯାଏ। ଏହା ମଣିଷ ହେଉକି କୌଣସି ଜୀବ ସଭିଙ୍କ ଶିକାର ଅପେକ୍ଷାରେ ଲଟାରେ ରହେ। ସୁଯୋଗ ପାଇଲେ ରକ୍ତ ପିଇଯାଏ। ଏହା ଅଣ୍ଡାରୁ ବାହାରିବା କ୍ଷଣି ସଙ୍ଗେ ସଙ୍ଗେ ଶିକାର କରିବାର କ୍ଷମତା ରଖିନଥାଏ, କାରଣ ସେତେବେଳେ ତ । ନିକଟରେ ଦୁଇଟି ଗୋଡ଼ ଓ ଜନନାଙ୍ଗ ନଥାଏ। ଏହି ଅବସ୍ଥାରେ ବି ସେ ଘାସର ଅଗ୍ରଭାଗରେ ରହି ଝିଟିପିଟି ଭଳି ଶୀତ ରକ୍ତଜୀବ ଉପରେ ଆଧିପତ୍ୟ କରିବାର କ୍ଷମତା ରଖେ। ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ ପରେ ସେ ତାର ଅନ୍ୟ ଅଙ୍ଗକୁ ପ୍ରାପ୍ତ କରିଥାଏ। ଏହାପରେ ସେ ଗରମ ରକ୍ତବାଲା ଜୀବର ସନ୍ଧାନରେ ବହାରେ। ଅଣ୍ଡିରା ଓ ମାଈ ଇଞ୍ଜିକ୍ୟୁଲ ମିଶ୍ରଣ ପରେ ମାଈ ପୋକ ଲଟାରୁ ବାହାରି ଗଛର କୌଣସି ଡ଼ାଳରେ ଉପରେ ଚଢିଯାଏ।

## ୨୦ ମିଟର ଉଚ୍ଚତା ବିଶିଷ୍ଟ ବୌଦ୍ଧ ପ୍ରତିମୂର୍ତ୍ତୀ

୧୯୯୫ରେ ନିର୍ମିତ ହୋଇଥିବା ଏହି ବିଶାଳ ନଭଶ୍ଚୁମ୍ବୀ ବୌଦ୍ଧ ପ୍ରତିମୂର୍ତ୍ତିଟି ଜାପାନର ଉସିକୁ ଠାରେ ଅବସ୍ଥିତ । ୧୨୦ ମିଟର ଉଚ୍ଚତା ବିଶିଷ୍ଟ ଏହି ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତିଟି ହେଉଛି ବିଶ୍ୱର ସବୁଠାରୁ ଉଚ୍ଚତମ ଦଣ୍ଡାୟମାନ ପ୍ରତିମୂର୍ତ୍ତି । ୧୨୦ ମିଟର ଉଚ୍ଚତା ମଧ୍ୟରୁ ୧୦ ମିଟର ଏହାର ଭିତ୍ତିଭୂମି ଥିବାବେଳେ ଆଉ ୧୦ ମିଟର ଉଚ୍ଚର ଏକ ପଦ୍ମକୀର୍ତ୍ତି ଉପରେ ଏହା ରହିଛି। ଏକ ଲିଫ୍ଟ ଜରିଆରେ ପର୍ଯ୍ୟଟକଙ୍କୁ ପ୍ରତିମୂର୍ତ୍ତିର ୮୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ନିଆଯାଏ, ଯେଉଁଠି ପ୍ରତିମୂର୍ତ୍ତିରେ ଏକ କୋଠରୀ ରହିଛି। ସେଠି ରହି ଜଣେ ଚାରିପାଖର ଅପୂର୍ବ ଶୋଭାକୁ ଏତେ ଉପରେ ଥାଇ ଦେଖିପାରିବ।



# ପଇଡ଼ର ଉପକାରିତା



ଖରାଦିନେ ପାନୀୟ ପଦାର୍ଥ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଆଧୁନିକତାକୁ ଆପଣାଇ ନେଇଥିବା ମଣିଷମାନେ କୋଲଡ୍ରିଙ୍କ୍‌ସ୍ ଯଥା କୋକାକୋଲା, ପେପ୍ସି କୋଲା ଆଦି ପିଇବାକୁ ପସନ୍ଦ କରିଥାନ୍ତି। ଏପରି ପାନୀୟ ତୃଷ୍ଣା ମେଣ୍ଟାଇଥାଏ। ଏହାର ଶରୀର ଉପରେ ମଧ୍ୟ କୁପ୍ରଭାବ ରହିଛି। ସାଧାରଣ ଲୋକେ ମଧ୍ୟ ନିଜର ଆଭିଜାତ୍ୟ ଓ ବଡିମା ଦେଖାଇବା ପାଇଁ ଏପରି ଥଣ୍ଡା ପାନୀୟ ବ୍ୟବହାର କରୁଛନ୍ତି। ବାହାଘର ଭୋଜିଭାତ ଆଦିରେ ମଧ୍ୟ ପ୍ରଥମେ ଏହି ଥଣ୍ଡା ପାନୀୟକୁ ଗୁରୁତ୍ୱ ଦିଆଯାଉଛି । ଯେଉଁଠି ଏପରି ପାନୀୟ ରହିନଥାଏ ସେଠାରେ ଆଭିଜାତ୍ୟ ଓ ଯୋଗ୍ୟତାକୁ ନଜର ଅନ୍ଦାଜ କରାଯାଇଥାଏ। ଏହା ମଧ୍ୟ ଏକ ଚଳଣୀରେ ପଡିଗଲାଣି। ମାତ୍ର ଏପରି ପାନୀୟ ଶରୀର ପାଇଁ ଯେତିକି ଅଦରକାରୀ ତାହା ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ କ୍ଷତିକାରକ। ଏପରି ଥଣ୍ଡା ପାନୀୟ ବୋତଲ ପିଛା ୧୫ଟଙ୍କା ନେଉଥିବା ବେଳେ ଖାଦ୍ୟ ସାର ପରିମାଣ ଯଥେଷ୍ଟ କମ୍ ବା ତିନି ଚାରି ଟଙ୍କାର ରହିଥାଏ। ପ୍ୟାକ୍ କରିବା ଏବଂ ସେଥିରେ ସ୍ୱାଦ ପାଇଁ ରାସାୟନିକ ପଦାର୍ଥ ମିଶାଇବାରେ ମଧ୍ୟ ପଇସା ଖର୍ଚ୍ଚ ହୋଇଥାଏ। ଲୋକେ ଏପରି ପାନୀୟ ଖରା ଦିନେ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି କିନ୍ତୁ ତାହା ଲୋକଙ୍କୁ ଖରାରୁ ମୁକ୍ତି କରିପାରୁନାହିଁ। ଏପରି ଥଣ୍ଡା ପାନୀୟ ଅଧିକରୁ ଅଧିକ ତୃଷ୍ଣା ବଢାଇବାରେ ମଧ୍ୟ ସହାୟକ ହୋଇଥାଏ। କିନ୍ତୁ ଥଣ୍ଡା ପାନୀୟର ବିକଳ୍ପ ଭାବେ ପଇଡକୁ ମଧ୍ୟ ବ୍ୟବହାର କରାଯାଇପାରିବ। ଗୋଟିଏ ଥଣ୍ଡା ବୋତଲର ଦାମ୍ ଯାହା ସେଥିରେ ଦୁଇଟି ପଇଡ କିଣାଯାଇପାରେ। ମାତ୍ର ଗୋଟିଏ ଥଣ୍ଡା ବୋତଲ ଶରୀରକୁ ଯେତିକି ଖାଦ୍ୟ ସାର ଦିଏ ତା'ର ଚାରିଗୁଣ ଗୋଟିଏ ପଇଡରୁ ମିଳିଥାଏ। ପଇଡ ଶରୀର ପାଇଁ ହାନୀ କାରକ ନୁହେଁ ଏବଂ ଏହାର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନଥାଏ। ଖରାଦିନେ ପଇଡ ବ୍ୟବହାର କରିବା ଅତ୍ୟନ୍ତ ଆବଶ୍ୟକ। ପଇଡ ସହିତ ବେଲ, ବେଲରୁ ତିଆରି ବେଲ ପଣା, ଦହି ସର୍ବତ, ତରଭୁଜ ଆଦି ମଧ୍ୟ ଅଧିକ ପରିମାଣରେ ଖାଇଲେ ଦେହ ଗରମ ସହ୍ୟ କରିବା ପାଇଁ ସକ୍ଷମ ହୋଇପାରିଥାଏ କିନ୍ତୁ ପ୍ରକୃତିଠାରୁ ଦୂରେଇ ଯାଇଥିବା ମଣିଷମାନେ ଏପରି ପ୍ରାକୃତିକ ଖାଦ୍ୟ ପଦାର୍ଥକୁ ସେବନ କରିବା ପାଇଁ ଉଚିତ ମନେ କରୁନାହାନ୍ତି।



# ୟୁକ୍ରେନରେ ଏମ୍‌ବିବିସ୍ ଶିକ୍ଷାର ସୁଯୋଗ ଦେଉଛି ଗ୍ଲୋବାଲ୍ ଫୋକସ୍

ଭୁବନେଶ୍ୱର,୧୦।୬ (ନି.ପ୍ର) : ୟୁକ୍ରେନ୍‌ରେ ଏମ୍‌ବିବିଏସ୍ ଡ଼ିଗ୍ରି ତଥା ମେଡ଼ିକେଲ୍ ଶିକ୍ଷା ପାଇଁ ଗ୍ଲୋବାଲ ଫୋକସ୍ ଏଜୁକେସନ୍ ଗ୍ରୁପ୍ ପକ୍ଷରୁ ପ୍ରତିବର୍ଷ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ସରକାରୀ ମେଡ଼ିକାଲ କଲେଜ ଗୁଡ଼ିକରେ ସିଟ୍ କମ୍ ରହିବା ଏବଂ ଦେୟବହୁଳ ମେଡ଼ିକାଲ୍ ଶିକ୍ଷା ଯୋଗୁଁ ଏହା ଅଭିଭାବକଙ୍କ ଚିନ୍ତାର କାରଣ ହୋଇଥାଏ। ଏପରି ସ୍ଥିତିରେ ଇଉରୋପିୟ ଦେଶ ୟୁକ୍ରେନ୍‌ରେ ନେସ୍‌ନାଲ ମେଡ଼ିକାଲ ୟୁନିଭରସିଟି ସମେତ ଅନ୍ୟାନ୍ୟ ଜାତୀୟ ସ୍ତରର ମେଡ଼ିକାଲ ପ୍ରତିଷ୍ଠାନ ମାନଙ୍କରେ ଡ଼ାକ୍ତରୀ ଶିକ୍ଷା ଗ୍ରହଣର ସୁଯୋଗ ଦଉଛି ଗ୍ଲୋବାଲ ଫୋକସ୍ । ସେଠାରେ ଶିକ୍ଷା ଗ୍ରହଣ ସହ ରହିବା, ଭାରତୀୟ ଖାଦ୍ୟ ପେୟ ଏବଂ ସଂସ୍କୃତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେମିନାର୍ ଆୟୋଜନ ହୋଟେଲ୍ ସିଟଲ୍‌ରେ କରାଯାଇଛି। ଏହି ସେମିନାରରେ ବର୍ତ୍ତମାନ ୟୁକ୍ରେନ୍‌ରେ ଗ୍ଲେବାଲ୍ ଫୋକସ୍ ମାଧ୍ୟମରେ ଡ଼ାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା କେତେକ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନିମନ୍ତ୍ରତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଏମାନଙ୍କ ଦ୍ୱାରା ପଚାରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର ଗ୍ଲୋବାଲ ଫୋକସ୍‌ର କାଉଁସେଲର ମାନେ ରଖିଛନ୍ତି। ୟୁକ୍ରେନ୍‌ର ଏହି ମେଡ଼ିକାଲ ପ୍ରତିଷ୍ଠାନ ଗୁଡ଼ିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ମେଡ଼ିକାଲ୍ କାଉଁସିଲ ଅଫ ଇଣ୍ଡିଆ ଦ୍ୱାରା ସିକୃତି ପ୍ରାପ୍ତ। ଛାତ୍ରଛାତ୍ରୀ ନିଟ୍‌ରେ ସଫଳ ହୋଇଥିଲେ ୟୁକ୍ରେନ୍‌ରେ ଏହି ପ୍ରତିଷ୍ଠାନ ଗୁଡ଼ିକରେ ନାମ ଲେଖେଇବାର ସୁଯୋଗ ପାଇପାରିବେ। ସେହିଭଳି ଛାତ୍ରଛାତ୍ରୀ ସେଠାରେ କିଭଳି ଭଲଭାବେ ରହି ପାଠ ପଢ଼ିପାରିବେ ସେ ଦିଗକୁ ଜତ୍ନର ସହ ଗ୍ଲେବାଲ ଫୋକସ୍ ସଦାବେଳେ ଧ୍ୟାନଦେଇ ଆସିଛି। ସେଠାର ସରକାରୀ ୟୁନିଭରସିଟି ଏବଂ ଖାଲକିବ ୟୁନିଭରସିଟି ଭଳି ଅନ୍ୟ ପ୍ରତିଷ୍ଠାନ ସହ ଗ୍ଲୋବାଲ ଫୋକସ୍ ସହ ଭାଗିଦାରେ ସାମିଲ ହୋଇଛି। ବର୍ତମାନ ସାରା ଦେଶରେ ୬୦୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏବଂ କେବଳ ଓଡ଼ିଶାରୁ ୧୦୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଉକ୍ତ ସ୍ଥାନ ଗୁଡ଼ିକରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏମାନେ ସମସ୍ତେ ଭାରତୀୟ ତଥା ଓଡ଼ିଆ ପର୍ବ ପର୍ବାଣୀ ମଧ୍ୟ ପାଳନ କରୁଛନ୍ତି। ଗ୍ଲେବାଲ୍ ଫୋକସ୍‌ର ଏମ୍‌ଡ଼ି ଅବଦୁଲ୍ ଜାହିର୍ କୁହନ୍ତି ରାଜ୍ୟରେ ମାତ୍ର ୧୧୦୦ ମେଡ଼ିକାଲ ସିଟ୍ ରହିଥିବା ବେଳେ ୫୦୦୦୦ ଛାତ୍ରଛାତ୍ରୀ ମେଡ଼ିକାଲ ପଢ଼ିବାଲାଗି ପ୍ରବେସିକା ପରିକ୍ଷା ଦେଉଛନ୍ତି। ଘରୋଇ ମେଡ଼ିକାଲ କଲେଜ ଗୁଡ଼ିକ ତୁଳନାରେ ୟୁକ୍ରେନ୍‌ରେ ଡ଼ାକ୍ତରୀ ପଢ଼ିବା ଏକ ବିକଳ୍ପ ରହିଛି। ଏହା ସୁଲଭ ହୋଇଥିବାରୁ ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିଲାଗି ପ୍ରତିବର୍ଷ ଏଭଳି ସେମିନାର ଆୟୋଜନ କରାଯାଉଛି। ୟୁକ୍ରେନ୍‌ରେ ଶିକ୍ଷା ଗ୍ରହଣ ଲାଗି ପ୍ରଥମପ୍ରର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହେଇଥିବା ବେଳେ ଦୃତିୟ ପ୍ରର୍ଯ୍ୟାୟ ଲାଗି ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଭାବକଙ୍କ ମନରେ ରହୁଥିବା ସଂଶୟ ବା ସଂଦେହ ଦୂର କରିବା ଦିଗରେ ପଦକ୍ଷେପ ନିଆଯାଉଛି।



# ନେସଲେ ଇଣ୍ଡିଆ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ



ଭୁବନେଶ୍ୱର,୧୦।୬ (ନି.ପ୍ର): ଭାରତରେ ନେସଲେ ଇଣ୍ଡିଆର କାରଖାନା ଏବଂ ଶାଖା ଥିବା ସ୍ଥାନ ଓ ପାଖାପାଖି ସହରରେ ପ୍ରାୟ ୨୦୦୦ ସ୍ୱେଚ୍ଛାସେବୀ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଛନ୍ତି। ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ, ନେସଲେ ଇଣ୍ଡିଆର କର୍ମଚାରୀ ଏବଂ ସେମାନଙ୍କ ପରିବାର, ଏନଜିଓ ସହଯୋଗୀ, ବିତରକ, ସହଯୋଗୀ, ଯୋଗାଣକାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ର ସ୍ୱେଚ୍ଛାକୃତ ଅଭିଯାନ ବିଷୟରେ ଶ୍ରୀଯୁକ୍ତ ସୁରେଶ ନାରାୟଣନ, ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ନେସଲେ ଇଣ୍ଡିଆ କହିଛନ୍ତିଯେ, 'ବିଶ୍ୱ ସାଗର ଦିବସ ଆମର ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ଏବଂ ସଂରକ୍ଷଣ ପ୍ରଦାନ କରିବାରେ ସହାୟତା ପ୍ରଦାନ କରିବା ପାଇଁ ଓ ସମ୍ମାନ ଦେବା ପାଇଁ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି। ବ୍ୟକ୍ତିଗତ ସ୍ତରରେ ମୁଁ କାର୍ଯ୍ୟାଳୟ ଓ ଘରେ ପ୍ଲାଷ୍ଟିକ ବ୍ୟବହାର କମ କରିବାକୁ ସଫଳ ହୋଇଛି ଏବଂ ଏକ ସଂସ୍ଥା ଭାବେ ଆମେ ପରିବର୍ତନ ଆଣିପାରିବୁ। ଏଭଳି ଅବସର ଆମକୁ ଆମ ସଂସ୍ଥା ଏବଂ ଆମ ସହିତ ଜଡ଼ିତ ଥିବା ଲୋକମାନଙ୍କୁ ସଚେତନ କରିବା ସହିତ ସେମାନଙ୍କ ବ୍ୟବହାରରେ ପରିବର୍ତନ ଆଣିବାରେ ସହାୟକ ହୋଇଥାଏ।'' ସ୍ୱଚ୍ଛତା ଅଭିଯାନରେ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ଦଳରେ ଭାଗ କରି ବର୍ଜ୍ୟ ସଂଗ୍ରହକୁ ବ୍ୟବସ୍ଥିତ କରାଯାଇଥିଲା। ଅଭିଯାନ ଶେଷରେ ସଂଗ୍ରହ କରାଯାଇଥିବା ବର୍ଜ୍ୟକୁ ପ୍ରୋସେସିଂ କରି ତାହାର ଆବଶ୍ୟକୀୟ ସମାଧାନ କରାଯାଇଥିଲା। କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ନେସଲେ ଇଣ୍ଡିଆକୁ ଏହାର କାର୍ଯ୍ୟକାରୀ ସହଯୋଗୀ ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡେସନ ଓ ଇଣ୍ଡିଆନ ପଲ୍ୟୁସନ କଂଟ୍ରୋଲ ଆସୋସିଏସନ (ଆଇପିସିଏ) ସହାୟତା ପ୍ରଦାନ କରିଥିଲେ।

# ଓୟୋ ହୋଟେଲ ଓ ଘର ସହ ଆମାଜନ ସହବନ୍ଧିତ

ଭୁବନେଶ୍ୱର, ୧୦।୬ (ନି.ପ୍ର) : ଆମାଜନ ଆକାଉଂଟ ବ୍ୟବହାରଧାରୀଙ୍କ ନିମନ୍ତେ ଏକ ଖୁସିଖବର । ଆମାଜନ ଦ୍ୱାରା ଏବେ ଓୟୋ ହୋଟେଲ ଏବଂ ଘର ବୁକିଙ୍ଗ କରିହେବ । ଓୟୋ ହୋଟେଲ ଏବଂ ହୋମ୍ ହେଉଛି ଦକ୍ଷିଣ ଏସିଆର ସର୍ବବୃହତ୍ , ଚୀନର ଦ୍ୱିତୀୟ, ବିଶ୍ୱର ଷଷ୍ଠ ଏବଂ ବୃହତମ ବେଗର ଅଭିବୃଦ୍ଧି କରୁଥିବା ସଂସ୍ଥା ଯାହା ହୋଟେଲ, ହୋମ ଓ ରହିବା ସୁବିଧା ଯୋଗାଇ ଦେଇଥାଏ ।

ଆମାଜନରେ ଏକ ଗୋଟିଏ କ୍ଲିକ ଦ୍ୱାରା ଏହି ଶ୍ରେଣୀର ହୋଟେଲ ବୁକିଙ୍ଗ କରିବା ସୁବିଧା ଉପଲବ୍ଧ ହୋଇପାରିବ ।

ଆମାଜନ ଏହାର ବ୍ୟବହାର କାରିଙ୍କ ନିମନ୍ତେ ବିଶ୍ୱର ସବୁ ସ୍ଥାନର ଖାଦ୍ୟ କିଣିବା, ଭ୍ରମଣ କରିବା, ବିଲ ପେମେଂଟ ଇତ୍ୟାଦି ସୁବିଧା ଯୋଗାଇ ଦେଇ ଆସୁଛି । ଆମାଜନ ପେ ଇଣ୍ଡିଆ ର ନିର୍ଦ୍ଦେଶକ, (ଗ୍ରହଣ ଏବଂ ବ୍ୟବସାୟ ପେମେଂଟ) ମନୀଷ ମହାତ୍ମେ ଙ୍କ ଆଭିମୁଖ୍ୟ ହେଲା– "ଆମର ମୁଖ୍ୟଦ୍ଦେଶ୍ୟ ହେଲା ସହଜ, ବିଶ୍ୱାସ ଓ ଗ୍ରାହକ ଉପଯୋଗୀ ଇ-ପେମେଂଟ ସୁବିଧା ଯୋଗାଇଦେବା ଆମେ ଗ୍ରାହକଙ୍କର ଦରକାର ଅନୁଯାଇ ବିଲ ପେମେଂଟ କରିବାର ସମସ୍ତ ସୁବିଧା ଯୋଗାଇଦେଇ ଆସୁଛୁ ଏବଂ ଆଜି ଏକ ଅତ୍ୟନ୍ତ ଖୁସି ଯେ ଏହା ହୋଟେଲ ଓ ବାସସ୍ଥାନ ବୁକିଙ୍ଗ କରିବା ନିମନ୍ତେ ଓୟୋ ସହିତ ସଂପ୍ରସାରିତ ଓ ସହବନ୍ଧିତ ହୋଇପାରିଛି । "

# କେଟିଏମ୍ ପକ୍ଷରୁ ଆକର୍ଷଣୀୟ ଷ୍ଟଣ୍ଟ୍ ସୋ

ଭୁବନେଶ୍ୱର,୧୦।୬ (ନି.ପ୍ର) : ୟୁରୋପର ରେସିଂ କିମ୍ବଦନ୍ତୀ କେଟିଏମ୍ ପକ୍ଷରୁ ବ୍ରହ୍ମପୁର ଓ ଭଦ୍ରକରେ ଆକର୍ଷଣୀୟ କେଟିଏମ୍ ଷ୍ଟଂଟ୍ ସୋ' ଆୟୋଜନ କରାଯାଇଛି। ପ୍ରଫେସନାଲ୍ ଷ୍ଟଂଟ୍ ପ୍ରଦର୍ଶନକାରୀମାନେ ଆଖିଦୃଶିଆ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି।



ବ୍ରହ୍ମପୁରର ରାମଲିଙ୍ଗମ ମନ୍ଦିର ଏବଂ ଭଦ୍ରକର ବସ୍‌ଷ୍ଟାଣ୍ଡରେ ଏହି ଷ୍ଟଂଟ୍ ସୋ' ଆୟୋଜନ କରାଯାଇଥିଲା। ପ୍ରଫେସନାଲ୍ ଷ୍ଟଂଟ୍ ପ୍ରଦର୍ଶନକାରୀମାନେ କେଟିଏମ୍ ଡ୍ୟୁକ୍ ବାଇକ୍‌ରେ ଷ୍ଟଂଟ୍ ପ୍ରଦର୍ଶନ କରିଛନ୍ତି।

ଶ୍ରୀଯୁକ୍ତ ସୁମିତ ନାରଙ୍ଗ, ଉପ ସଭାପତି-ପ୍ରୋ ବାଇକିଙ୍ଗ, ବଜାଜ ଅଟୋ କହିଛନ୍ତି ଯେ, "କେଟିଏମ୍ ବ୍ରାଣ୍ଡ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ୍ ପାଇଁ ଜଣାଶୁଣା ଏବଂ ଏହା ସବୁ ବେଳେ ଚାହେଁ ଯେ ଗ୍ରାହକମାନେ କେଟିଏମ୍ ବାଇକ୍‌ର ରୋମାଂଚକୁ ଅନୁଭବ କରନ୍ତୁ। ପେସାଦାର ଷ୍ଟଂଟ୍ ସୋ ପ୍ରତି ପ୍ରମୁଖ ସହରରେ ଆୟୋଜନ କରାଯାଉଛି ଏବଂ ନିକଟ ଭବିଷ୍ୟତରେ ଏହାର କଳେବର ବୃଦ୍ଧି ପାଇବ। କେଟିଏମ୍ ହେଉଛି ଏକ ସ୍ୱତନ୍ତ୍ର ପ୍ରିମିୟମ୍ ବ୍ରାଣ୍ଡ ଏବଂ ଆମେ କେଟିଏମ୍ ଗ୍ରାହକଙ୍କୁ ସ୍ୱତନ୍ତ୍ର କେଟିଏମ୍ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ।''

ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା ଏବଂ ସହରରେ ଏହା ବେଶ ଆଲୋଡ଼ନ ସୃଷ୍ଟି କରିଛି। ବର୍ତମାନ ସୁଦ୍ଧା କେଟିଏ ଷ୍ଟଂଟ୍ ସୋ ସୁରଟ, ଅହମ୍ମଦାବାଦ, କାଂଚିପୂରଣ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଔରଙ୍ଗାବାଦ, ଜମ୍ମୁ, ଜଳନ୍ଧର, ଯୋଦ୍ଧପୁର, ହରିଦ୍ୱାର, ଭୋପାଳ, ଉନହିଲ, ଜବଲପୁର, ଗ୍ୱାଲିଅର, ଏବଂ ଅନ୍ୟ ପ୍ରମୁଖ ସହରରେ ଆୟୋଜନ କରାଯାଇଛି।

କେଟିଏମ୍ ପ୍ରେମୀମାନେ କେଟିଏମ୍ ବାଇକ୍‌ଗୁଡ଼ିକୁ ବ୍ରହ୍ମପୁରର ନ୍ୟୁଚର ଇଟଂରନ୍ୟାସନାଲ୍ ସ୍କୁଲ୍ ପାଖରେ ଥିବା ନୀଳକଣ୍ଠ ନଗର ମେନ୍ ରୋଡ୍‌ରେ ଅବସ୍ଥିତ କେଟିମ୍ ବ୍ରହ୍ମପୁର ଓ ଭଦ୍ରକର କେଟିଏମ୍ ଭଦ୍ରକ-ଶଙ୍କର ଗୌରୀ ଅଟୋମୋବାଇଲସ୍‌ରୁ କିଣିପାରିବ।

# ୩ ଲକ୍ଷ ବିକ୍ରିର ମାଇଲଖୁଣ୍ଟ ଅତିକ୍ରମ କଲା ରେନୋ କ୍ୱିଡ୍

ନୂଆଦିଲ୍ଲୀ,୧୦।୭ (ନି.ପ୍ର) : ରେନୋ, ଭାରତର ନଂ ଏକ ୟୁରୋପିଆନ୍ ବ୍ରାଣ୍ଡ, ଏହାର ଫ୍ଲାଗସିପ୍ ବ୍ରାଣ୍ଡ କ୍ୱିଡ୍, ଭାରତରେ ୩– ଲକ୍ଷ ବିକ୍ରିର ମାଇଲଖୁଂଟ ଅତିକ୍ରମ କରିଥିବାର ଘୋଷଣା କରିଛି। ଭାରତର ମିନି କାର୍ ସେଗମେଂଟରେ ରେନୋ କ୍ୱିଡ୍‌ର ଲୋକପ୍ରିୟତା ବହୁତ ମାତ୍ରାରେ ବୃଦ୍ଧି ପାଇଛି। ଏହା ଭାରତରେ ରେନୋ ବ୍ରାଣ୍ଡର ବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି, ରେନୋ କ୍ୱିଡ୍ ମଧ୍ୟ ସଫଳ 'ମେ ଇଣ୍ଡିଆ' ରୂପେ ପ୍ରମାଣିତ ହୋଇପାରି ରେନୋ କ୍ୱିଡ୍ ଅତ୍ୟନ୍ତ ଆକର୍ଷଣୀୟ ନୂତନତାରେ ଭରପୁର ତଥା କମ ମୂଲ୍ୟରେ ଉପଲବ୍ଧ ହୋଇଥିବାରୁ ଏହା ମିନି କାର ସେଗ୍‌ମେଂଟରେ ଭାରତରେ ଏକ ଲୋକପ୍ରିୟ କାର ଭାବରେ ନିଜକୁ ପ୍ରମାଣିତ କରିପାରିଛି। ଦ୍ରୁତ ଭାବରେ ବୃଦ୍ଧି ପାଉଥିବା ଗ୍ରାହକ ସଂଖ୍ୟା ସହିତ, ଏହା ଗ୍ରାହକମାନଙ୍କ ମଧ୍ୟରେ ଖୁବ୍ କମ୍ ସମୟ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରେନୋ କ୍ୱିଡ୍‌ରେ ଅନେକ ଗୁଡ଼ିଏ ବୈଶିଷ୍ଟ୍ୟ ରହିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି ୭-ଇଂଚ ଟଚ୍‌ସ୍କ୍ରିନ୍ ମିଡିଆ ଏନ୍‌ଏଭି ସିଷ୍ଟମ, ଡିଜିଟାଲ୍ ଇନ୍‌ଷ୍ଟ୍ରୁମେଂଟ କ୍ଲଷ୍ଟର, ୱାନ୍-ଟଚ୍ ଲେନ୍ ଚେଞ୍ଜ ଇଣ୍ଡିକେଟର, ସ୍ପିଡ୍ ଡିପେନ୍‌ଡେଂଟ ଭଲ୍ୟୁମ୍ କଂଟ୍ରୋଲ୍ ଓ ପ୍ରୋ-ସେନ୍ସ ସିଟ୍ ବେଲ୍‌ଟ ପ୍ରିଟେନ୍‌ସନର ଲୋଡ୍ ଲିମିଟର ସହିତ ଓ ଏହାର ବୁଟ୍ କ୍ଷମତା ରହିଛି ୩୦୦ ଲିଟର। ରେନୋ କ୍ୱିଡ୍ ସମ୍ବନ୍ଧରେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହା କେବଳ ବାହାରୁ ଏସ୍‌ୟୁଭି ପରି ଦେଖା ଯାଇନଥାଏ କିନ୍ତୁ ଏଥିରେ ଅନେକ ଗୁଡ଼ିଏ ଉଚ୍ଚ ସ୍ତରୀୟ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ହାଇ ସିଟିଂ ପୋଜିସନ ହେତୁ ରୋଡ୍‌କୁ ଭଲ ଭାବରେ ଦେଖି ହୁଏ ଓ ଗାଡ଼ି ଚଳାଇବା ଆରାମଦାୟକ ହୋଇଥାଏ। ୧୮୦ ମିମିର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ ହେତୁ ଭାରତରେ ଗାଡ଼ି ଚଳାଇବା ପାଇଁ ଏହା ଏକ ଉତ୍କୃଷ୍ଟ ବିକଳ୍ପ ଅଟେ।





*ନିକଟରେ ସାହାରାଶ୍ରୀ, ସୁବ୍ରତ ରୟ ଉତ୍ତର ପ୍ରଦେଶର ମାନ୍ୟବର ରାଜ୍ୟପାଳ, ଶ୍ରୀ ରାମ ନାୟକଙ୍କ ସହ ସାକ୍ଷାତକରି ଉତ୍ତର ପ୍ରଦେଶର ବିକାଶ ଉପରେ ଆଲୋଚନା କରିଛନ୍ତି ।*

# ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌ର ସଫଳତା, ପୋଡିୟମ୍ ଫିନିସ୍ କଲେ ଶରତ କୁମାର

ଭୁବନେଶ୍ୱର,୧୦।୬ (ନି.ପ୍ର) : ଭାରତୀୟ ଜାତୀୟ ମୋଟର ରେସିଂ ଚାମ୍ପିଆନ୍‌ସିପ୍ (ଆଇଏନ୍‌ଏମ୍‌ଆର୍‌ସି)ରେ ଆଇଡେମିସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍ ଜବରଦସ୍ତ ପ୍ରଦର୍ଶନ କରିଛି। ପ୍ରୋ-ଷ୍ଟକ୍ ୧୬୫ ସିସି ବର୍ଗରେ ଦୁଇଟି ପୋଡିୟମ୍ ଫିନିସ୍ ସହ ପ୍ରଥମ ରାଉଣ୍ଡ ରେସ୍ ଶେଷ କରିଛି ଏହି ଟିମ୍। ଜବରଦସ୍ତ ପ୍ରଦର୍ଶନ କରି ହୋଣ୍ଡାର ପ୍ରତିଭାବାନ ଚାଳକ ସରତ କୁମାର ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।



ଗତକାଲି କରିଥିବା ଭୁଲରୁ ଶିକ୍ଷା ଲାଭ କରି ହୋଣ୍ଡାର ଚାଳକ ୟସସ ଆର୍ ଏଲ୍ ଓ ଅରବିନ୍ଦ ବି ରେସ୍‌ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନେ ଦୁଇ ଜଣ ଚତୁର୍ଥ ଓ ପଂଚମ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଚାଳକ ରାଜକମଳ କେ ବି ପ୍ରୋ ଲ୍ୟାପ୍ ରେସିଂରେ ୧୫ତମ ସ୍ଥାନରୁ ଉପରକୁ ଉଠି ଷଷ୍ଠ ସ୍ଥାନ ପହଂଚିଥିଲେ। ସେହିପରି କେ କାନନ ଦୁର୍ଘଟଣାର ଶିକାର ହୋଇଥିଲେ ମଧ୍ୟ ରେସ୍ ଶେଷ କରି ନବମ ସ୍ଥାନରେ ପହଂଚିଥିଲେ।

ହୋଣ୍ଡାର ଚାଳକଙ୍କ ପ୍ରଦର୍ଶନ ବିଷୟରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଓ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ କହିଛନ୍ତି ଯେ, "ପ୍ରଥମ ଦିନର ପ୍ରଦର୍ଶନ ଆମ ଚାଳକଙ୍କୁ ଦ୍ୱିତୀୟ ଦିନରେ ଉତ୍ସାହିତ କରିଥିଲା ଏବଂ ସେମାନେ ଶକ୍ତିଶାଳୀ ପ୍ରଦର୍ଶନ କରିଥିଲେ। ରେସ୍ ୨ରେ ଆମର ଅଭିଜ୍ଞ ଚାଳକ ସରତ କୁମାର ଅନ୍ୟମାନଙ୍କୁ ପଛରେ ଛାଡ଼ି ଚାମ୍ପିଆନ୍‌ସିପ୍‌ରେ ଅଗ୍ରଣୀ ରହିଥିଲେ। ଏହି ସମୟରେ ରେସିଂର ନୂଆ ଚେହେରାଗୁଡ଼ିକର ଅଭ୍ୟୁଦୟ ହୋଇଥିଲା ଓ ଲାଲ ନୁନସାଙ୍ଗା, ବରୁଣ ଏବଂ ଚରଣ ଟି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୋଡିୟମ୍‌ରେ ରାଜୁତି କରିଥିଲେ। କୋଏମ୍ବାଟୁରରୁ ଶିକ୍ଷା କରି ଏବେ ଆମେ ଦ୍ୱିତୀୟ ରାଉଣ୍ଡ ପାଇଁ ଚେନ୍ନାଇ ଅଭିମୁଖେ ଅଗ୍ରସର ହୋଇଛୁ। ଏହି ରାଉଣ୍ଡରେ ମୋଟୋ ୩ର ଅସ୍ୱ ଏନ୍‌ଏସ୍‌ଏଫ୍୨୫୦ଆର୍ ୨୦୧୯ ରେସିଂ ଋତୁରେ ଏହାର ଯାତ୍ରା ଆରମ୍ଭ କରିବ। ଆମେ ଏହି ଚାମ୍ପିଆନ୍‌ସିପ୍ ପାଇଁ ଆବଶ୍ୟକତାଠାରୁ ଅଧିକ ପ୍ରସ୍ତୁତ ରହିଛୁ।''

ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଂଟ୍ କପ୍‌ର ସିବିଆର୧୫୦ଆର ନୋଭିସ୍ ବର୍ଗରେ କାରି ମୋଟର ସ୍ପିଡ୍‌ୱେରେ ୧୮ ବର୍ଷୀୟ ଲାଲ ନୁନସାଙ୍ଗା ପୋଡିୟମ୍ ଫିନିସ୍ କରିଥିଲେ। ୧୬ ବର୍ଷୀୟ ବରୁଣ ଏସ୍ ଦ୍ୱିତୀୟ ଓ ଚରଣ ଟି ତୃତୀୟ ସ୍ଥାନ ହାସଲ କରିଥିଲେ।

# ଦ୍ୱିତୀୟ ଥର ପାଇଁ ଆଦାନୀ ସୌରଶକ୍ତି ର ସର୍ବଶ୍ରେଷ୍ଠ ପିଭିଏଲ୍ ଯୋଗ୍ୟତା ହାସଲ

ଭୁବନେଶ୍ୱର,୧୦।୬ (ନି.ପ୍ର) : ଆଦାନୀ ସୌରଶକ୍ତି (ମୁନ୍ଦ୍ରା ସୌର ପି.ଭି. ଲିମିଟେଡ), ବିଶ୍ୱର ଅଗ୍ରଗଣ୍ୟ ପିଭିଏଲ ଗବେଷଣା ଗାର (ଆମେରିକା) ଦ୍ୱାରା ଦ୍ୱିତୀୟ ଥର ପାଇଁ ୨୦୧୯ରେ ସୌରଶକ୍ତି ର ସର୍ବଶ୍ରେଷ୍ଠ ଯୋଗ୍ୟତା ହାସଲ କରିପାରିଛି । ପିଭିଏଲ ୫ମ ବାର୍ଷିକ ସଂସ୍କରଣରେ ପିଭି ମୋଡ୍ୟୁଲ ଉତ୍ପାଦ ମାନ ଯୋଗ୍ୟତା ପରିକ୍ଷାରେ ଆଦାନୀ ସବୁଠାରୁ ସର୍ବଶ୍ରେଷ୍ଠ ମାନ ପ୍ରଦାନ ଓ ଉତ୍ପାଦନ କାରୀ ସଂସ୍ଥା ରୁପେ ପରିଗଣିତ ହୋଇପାରିଛି । ଆଦାନୀ ସୌରଶକ୍ତି ର ଉତ୍ପାଦ ଗୁଡିକ ନ୍ୟୁନତମ ଶକ୍ତି ଖର୍ଚ୍ଚରେ ଅଧିକ ସେବା ଯୋଗାଇ ଦେବାରେ ସକ୍ଷମ, ବିଶ୍ୱରେ ଏକ ଅଦୀତିୟ ସଂସ୍ଥା ରେପେ ସ୍ୱୀକୃତି ଲାଭ କରିଛି । ରମେଶ ନୟାର, ଆଦାନୀ ସୌରଶକ୍ତି ର ମୁଖ୍ୟ ପ୍ରଶାସକ ଙ୍କ ମତ ଅନୁସାରେ ଆଦାନୀ ର ସୌରଶକ୍ତି ଉତ୍ପାଦନ କାରି ସଂସ୍ଥା, ବିଶ୍ୱସ୍ତତା, ସ୍ଥାୟୀତ୍ୱ, ଉଚ୍ଚକ୍ଷମତା ସଂପର୍ଣ୍ଣ ଦକ୍ଷତା ଉପରେ ଗୁରତ୍ୱ ଦେବା ସହିତ ନୂତନ ପ୍ରଣାଳୀ ଆବିଷ୍କାର କରି, ବଜାରରେ ଭିତ୍ତିଭୁମିକୁ ସୁଦୃଢ ଓ ସୁପ୍ରସାରୀ କରି ଥାଏ ।

# ତଫସିଲଭୁକ୍ତ ଜାତି ଓ ଉପଜାତି ଯୁବବର୍ଗମାନଙ୍କ ପାଇଁ ରୋଜଗାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୬ (ନି.ପ୍ର) : ଭାରତ ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାସନାଲ କ୍ୟାରିୟର ସର୍ଭିସ୍ ସେଣ୍ଟର, ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ତଫସିଲଭୁକ୍ତ ଜାତି ଓ ଉପଜାତିର ରୋଜଗାର ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ନିଯୁକ୍ତି ବୋର୍ଡ ଦ୍ୱାରା ଆୟୋଜିତ କ୍ଲରିକାଲ ଏବଂ ଷ୍ଟେନୋଗ୍ରାଫର ପ୍ରତିଯୋଗିତା ପରୀକ୍ଷାରେ ସକ୍ଷମ କରାଇବା ନିମନ୍ତେ ଏବଂ ସେମାନଙ୍କର କମ୍ପ୍ୟୁଟର ଜ୍ଞାନର ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଜୁଲାଇ ପହିଲାରୁ ନିଃଶୁଳ୍କ ତଥା ଛାତ୍ରବୃତ୍ତି ଯୁକ୍ତ ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା ଓ ଲେଭଲ କମ୍ପ୍ୟୁଟର ପାଠ୍ୟକ୍ରମ ଉପରେ ଦୁଇଗୋଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇବାର ପ୍ରସ୍ତାବ ରହିଛି । ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା କମ୍ପ୍ୟୁଟର ପାଠ୍ୟକ୍ରମ ଉପରେ ଦୁଇଗୋଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇବାର ପ୍ରସ୍ତାବ ରହିଛି । ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା କମ୍ପ୍ୟୁଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ କିମ୍ବା ତଦୁର୍ଦ୍ଧ୍ୱ ଏବଂ ସେମାନଙ୍କର ବୟସ ୩୦ ଜୁନ୍ ୨୦୧୯ ସୁଦ୍ଧା ୧୮ରୁ ୨୭ ବର୍ଷ (ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ) ଏବଂ ୩୦ ଜୁନ୍ ୨୦୧୯ ସୁଦ୍ଧା ୧୮ରୁ ୩୦ ବର୍ଷ (କମ୍ପ୍ୟୁଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିମନ୍ତେ) ହୋଇଥିବା ଆବଶ୍ୟକ । ଏହାଛଡା ପ୍ରାର୍ଥୀଙ୍କର ଏମ୍ପ୍ଲୋୟେମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ ନମ୍ବର, ଆଧାର ନମ୍ବର ସହିତ ଏକ ସଚଳ ବ୍ୟାଙ୍କ ଆକାଉଣ୍ଟ ରହିଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ । ଏହି କାର୍ଯ୍ୟକ୍ରମରେ ଭାଗନେବାକୁ ଚାହୁଁଥିବା ପ୍ରାର୍ଥୀମାନେ ଜୁନ୍ ୧୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଦେୟମୁକ୍ତ ଆବେଦନ ଫର୍ମ ତୋଷାଳୀ ଭବନ, ସତ୍ୟନଗର, ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରୁ ନେଇ ଆବେଦନ କରିପାରିବେ ।

